ପିଲାଙ୍କ

# ବାବାସାହେବ ଆମ୍ବେଦକର

ସୌରୀବନ୍ଧୁ କର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ
ଓଡ଼ିଶା

ପିଲାଙ୍କ

# ବାବାସାହେବ ଆମ୍ବେଦକର

ସୌରୀବନ୍ଧୁ କର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ
ଓଡ଼ିଶା

# ଭାରତରତ୍ନ ଆମ୍ବେଦକର

## ସଂକ୍ଷିପ୍ତ ଜୀବନୀ

ବାବାସାହେବ ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକର

ଜନ୍ମ : ୧୮୯୧ ଅପ୍ରେଲ ୧୪ ତାରିଖ

ଶିକ୍ଷା : ଏମ୍. ଏ, ପି. ଏଚ୍.ଡ଼ି, (କଲମ୍ବିଆ), ଡ଼ି. ଏସ୍. ସି (ଲଣ୍ଡନ),
ଏଲ୍. ଏଲ୍. ଡ଼ି (କଲମ୍ବିଆ), ଡ଼ି. ଲିଟ୍ (ଉସମାନିଆ),
ବାର୍-ଆଟ-ଲ (ଲଣ୍ଡନ)

ମୃତ୍ୟୁ : ୧୯୫୬ ଡ଼ିସେମ୍ବର ୬ ତାରିଖ

# ଭୂମିକା

ଭାରତ ରତ୍ନ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର ଆମ ଭାରତବର୍ଷର ଜଣେ ମହାନ ଲୋକ। ଆମ ଦେଶର ପଛୁଆ ଶ୍ରେଣୀର ଲୋକମାନଙ୍କର ଉନ୍ନତି ପାଇଁ ତାଙ୍କର ସାରାଜୀବନ ଲଢ଼େଇ ଏବଂ ଆମଦେଶର ସଂବିଧାନ ତିଆରି କରିବାରେ ତାଙ୍କର ଭୂମିକା ଆମେ କଦାପି ଭୁଲି ପାରିବା ନାହିଁ। ପିଲାଦିନେ ସେ କେତେ କଷ୍ଟ-କଷଣ ସହି ଶେଷରେ ଜଣେ ବଡ଼ଲୋକ ହୋଇପାରିଲେ ଏହିକଥା ଆମ ଦେଶର ସବୁ ପିଲାଏ ଜାଣିବା ଖୁବ୍ ଦରକାର। କାରଣ, ତାଙ୍କ ଜୀବନୀ ଓ କାର୍ଯ୍ୟକଳାପ ସବୁ ପିଲାଙ୍କୁ ଦେଶ ପାଇଁ ଓ ସାଧାରଣ ଲୋକଙ୍କ ସେବାପାଇଁ କାମ କରିବାକୁ ସାହସ ଦିଏ। ତାଙ୍କ କଥା ମନେ ପକାଇ ପିଲାମାନେ ଜୀବନରେ କିପରି ଭଲ ମଣିଷ ହେବେ ତାହା ଶିକ୍ଷା କରିବେ।

ବାବା ସାହେବଙ୍କ ଜନ୍ମ ଶହେବର୍ଷ ତଳେ ହୋଇଥିଲା। ତାଙ୍କ ଜନ୍ମ ଏକ ଶୁଭ ଘଟଣା। ତେଣୁ ତାଙ୍କର ଏକ ଶହ ବର୍ଷ ଜନ୍ମ ତିଥି ସାରା ଦେଶରେ ଅତି ଗର୍ବ ଓ ଗୌରବରେ ପାଳନ କରାଯାଇଛି। ସେ ତ ଆଉ ନାହାନ୍ତି, ମାତ୍ର ତାଙ୍କ କଥା ଆମ ଦେଶର ଇତିହାସ। ସବୁ ପିଲାଏ ସେହି ଇତିହାସ ଜାଣିବା ଦରକାର ବୋଲି ପିଲାମାନଙ୍କ ପାଇଁ ତାଙ୍କ ବିଷୟରେ ଏହି ବହିଟି ଲେଖାଯାଇଛି।

ଆମ ରାଜ୍ୟ ସରକାରଙ୍କର ପଛୁଆ ଶ୍ରେଣୀର ଲୋକମାନଙ୍କ ମଙ୍ଗଳ କରିବାପାଇଁ ଗୋଟିଏ ସ୍ୱତନ୍ତ୍ର ବିଭାଗ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ନାମରେ ରହିଛି। ସେହି ବିଭାଗ ପକ୍ଷରୁ ପଛୁଆ ଶ୍ରେଣୀର ପିଲାମାନଙ୍କ ପାଇଁ ବିଦ୍ୟାଳୟମାନ ଖୋଲାଯାଇ ସେମାନଙ୍କୁ ବଡ଼ ଓ ଭଲ ମଣିଷ ହେବାପାଇଁ ଶିକ୍ଷାଦାନ କରାଯାଉଛି। ବାବାସାହେବ ଆମ୍ବେଦକରଙ୍କୁ ସେହିସବୁ ପିଲାଏ ଯେପରି ଭଲଭାବରେ ଜାଣିବେ ସେଥିପାଇଁ ବିଭାଗ ପକ୍ଷରୁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏହି ବହିଟି ପିଲାମାନଙ୍କ ପଢ଼ିବାପାଇଁ ଛପାଇଛନ୍ତି। ହରିଜନ ଓ ଆଦିବାସୀମାନଙ୍କ ପାଇଁ ଖୋଲା ଯାଇଥିବା ସବୁ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ଉଦ୍ଦେଶ୍ୟରେ ଏହି ବହିଟି ଉତ୍ସର୍ଗୀତ। ଆମର ଶୁଭେଚ୍ଛା, ପିଲାମାନେ ବହିଟି ପଢି ବାବାସାହେବ ଆମ୍ବେଦକରଙ୍କ ପରି ବଡ଼ ମଣିଷ ହେବାକୁ ସକ୍ଷମ ହୁଅନ୍ତୁ।

ଖଗେଶ୍ୱର ମହାପାତ୍ର
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଭୁବନେଶ୍ୱର

# ସୂଚୀପତ୍ର


୧. ନବ ଜାଗରଣ
୨. ବାଲ୍ୟ କାଳ
୩. ଜ୍ଞାନଶକ୍ତି
୪. ଆଲୋକ ସନ୍ଧାନେ
୫. ନୂତନ ସମାଜ ଗଠନରେ
୬. ଆଧୁନିକ ମନୁ
୭. ଅପରାହ୍ନର ଆଲୋକ
୮. ଶେଷ ଯାତ୍ରା

# ନବଜାଗରଣ

ଖୁବ୍ ପୁରାତନ ଯୁଗରେ କାମ କରିବାର ସୁବିଧାପାଇଁ ଚାରିଗୋଟି ବର୍ଣ୍ଣ ଯଥା :-ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ର ସୃଷ୍ଟି ହୋଇଥିଲା । ଏହି ଚାରିଗୋଟି ବର୍ଣ୍ଣ କ୍ରମଶଃ ଜାତିରେ ପରିବର୍ତ୍ତିତ ହୋଇ ତିନିହଜାର ଉପଜାତି ସୃଷ୍ଟିକଲା । ଏଥିରୁ ଆରମ୍ଭ ହେଲା ଅଛୁଆଁ ଜାତି । ସେମାନେ ଛୁଇଁଲେ, ସେମାନଙ୍କର ଛାଇ ପଡ଼ିଲେ କିମ୍ୱା ସେମାନଙ୍କର ସ୍ୱର ଶୁଣାଗଲେ ଛୁଆଁ ବା ସବର୍ଣ୍ଣ ଜାତିମାନେ ସବୁକିଛି ଅପବିତ୍ର ହୋଇଗଲାବୋଲି ଭାବନ୍ତି । ସେହି ଅଛୁଆଁଜାତିର ଲୋକମାନେ ଘରେ ଗାଈଗୋରୁ ରଖିପାରିବେନାହିଁ, ଗହଣା ବ୍ୟବହାର କରିବେନାହିଁ । ସେମାନେ ସହରଠାରୁ ଦୂରରେ, ଗାଁର ମଶାଣି ନିକଟରେ ଏକଣା କଣରେ ଚାଳିଆକରି ବସବାସ କରନ୍ତି, ଅସ୍ୱାସ୍ଥ୍ୟକର ପରିବେଶରେ ବଞ୍ଚନ୍ତି, ଦେହ ଫୁଙ୍ଗୁଳା ଓ ଅଧା ଲଙ୍ଗଳା ହୋଇ ରହନ୍ତି । ହିନ୍ଦୁ ସମାଜରେ ଏପ୍ରକାର ବାଛ ବିଚାରରୁ ସେମାନଙ୍କୁ ରକ୍ଷା କରିବାପାଇଁ ବୁଦ୍ଧ ପ୍ରଥମେ ସ୍ୱର ଉତ୍ତୋଳନ କଲେ ଏବଂ ସେମାନଙ୍କୁ ତାଙ୍କ ଧର୍ମରେ ଦୀକ୍ଷିତକଲେ । ରାମାନୁଜ, ଚକ୍ରଧର, ରାମାନନ୍ଦ, କବୀର, ଚୈତନ୍ୟ, ଏକନାଥ, ତୁକାରାମ୍ ରୋହିଦାସ ଓ ଚୋକାମେଲା ଆଦି ସନ୍ଥମାନେ ଭକ୍ତି ଆନ୍ଦୋଳନ ଜରିଆରେ ସମାଜରୁ ଏହି ଛୁଆଁ ଅଛୁଆଁକୁ ଲୋପ କରିବାକୁ ଚେଷ୍ଟାକଲେ ।

ମହାତ୍ମା ଆସୁଥିଲେ, ମହାତ୍ମା ଯାଉଥିଲେ, କିନ୍ତୁ ଅସ୍ପୃଶ୍ୟ ମାନଙ୍କର ଅବସ୍ଥା ବଦଳୁନଥିଲା । ନୂଆ ନୂଆ ସରକାର ଆସୁଥିଲେ, ବଦଳୁଥିଲେ, କିନ୍ତୁ ଅଛୁଆଁ ସେହିପରି ଦଳିତ ରହୁଥିଲେ ଏବଂ ଦାସତ୍ୱର ଜୀବନ ବିତାଉଥିଲେ । ସାମାଜିକ ଓ ରାଜନୈତିକ ଭାବରେ ରାଜା ରାମମୋହନ ରାୟ ଏହାକୁ ଏକ ଆନ୍ଦୋଳନର ରୂପଦେଲେ । ୧୮୪୮ ମସିହାରେ ମହାତ୍ମା ଫୁଲେ ପୁନାରେ ଅସବର୍ଣ୍ଣଙ୍କ ପାଇଁ ଏକ ବିଦ୍ୟାଳୟ ଖୋଲିଲେ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଅସବର୍ଣ୍ଣକୁ ଲୋପକରିବାପାଇଁ ଅନେକ କାମ କରିଥିଲେ । ଇଂରେଜ ସରକାର ସେମାନଙ୍କ ଉପରେ ଗୁରୁତ୍ୱ ଦେଇନଥିଲା । ସେମାନେ ନୀରବରେ ସବର୍ଣ୍ଣ ମାନଙ୍କର ଅତ୍ୟାଚାରକୁ ସହିଯାଉଥିଲେ । ଖ୍ରୀଷ୍ଟିଆନ ଧର୍ମପ୍ରଚାରକମାନେ ଏହାର ଫାଇଦା ଉଠାଇବାପାଇଁ ଅଛୁଆଁ ଓ ନିମ୍ନ ଜାତିମାନଙ୍କପାଇଁ ବିଦ୍ୟାଳୟ ଖୋଲିଲେ । ସେମାନେ ଏହା ମାଧ୍ୟମରେ ନିଜ ଧର୍ମର ବିକାଶ ଚାହୁଁଥିଲେ । ଚାରିଆଡେ

କେବଳ ଅଂଧକାର। ନିମ୍ନ ଜାତିର କୋଟି କୋଟି ଲୋକ ନିର୍ଯ୍ୟାତିତ ହୋଇ ଚାଲିଥିଲେ। ତାଙ୍କପାଇଁ ଆଶ୍ରୟ ନଥିଲା, କେହି ଶାହା ହେବାକୁ ନଥିଲେ। ଏହି ସମୟରେ ମହାରାଷ୍ଟ୍ରରେ ନବଜାଗରଣ ଦେଖାଦେଲା। ନିବିଡ଼ ଅନ୍ଧକାର ମଧ୍ୟରେ ଉଦାସୀନ ହୃଦୟରେ ଆଲୋକର ଆଶାର କିରଣ ଦେବାପାଇଁ ଜନ୍ମଲାଭ କଲେ ଭୀମରାଓ ରାମ୍‌ଜୀ ଆମ୍ବେଦକର।

## ବାଲ୍ୟକାଳ


ରତ୍ନଗିରି ଜିଲ୍ଲାର ଆମ୍ବାଭାଡ଼େ ଗ୍ରାମ ଆମ୍ବେଦକରଙ୍କର ପୈତୃକ ବାସସ୍ଥାନ। ଆମ୍ବେଦକରଙ୍କର ଜେଜେବାପା ମାଲୋଜୀ ସକ୍‌ପାଲ ଏକ ସୁସଂପନ୍ନ ମାହାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ହିନ୍ଦୁ ସମାଜର ଅସ୍ପୃଶ୍ୟ ମାନଙ୍କ ମଧ୍ୟରୁ ମାହାର ଜାତି ସୁସ୍ଥ, ସବଳ, ବୁଦ୍ଧିମାନ, ସାହାସୀ, ଯୋଦ୍ଧା ଥିଲେ। ମାହାର ଅର୍ଥ ମହା-ଅରି ଅର୍ଥାତ୍ ବିଶିଷ୍ଟ ଶତ୍ରୁ। ବ୍ରିଟିଶ୍ ମାନଙ୍କର ଇଷ୍ଟଇଣ୍ଡିଆ କଂପାନୀରେ ସୈନିକଭାବେ ଯୋଗଦେଇଥିଲେ।

ମାଲୋଜୀ ସକ୍‌ପାଲ୍ ଜଣେ ଅବସରପ୍ରାପ୍ତ ସୈନିକ ଥିଲେ। ତାଙ୍କର ଗୋଟିଏ ପୁଅ ରାମଜୀ ଓ ଝିଅ ମିରା। ରାମ୍‌ଜୀ ହେଉଛନ୍ତି ଭୀମରାଓଙ୍କର ପିତା। ରାମଜୀ ସନ୍ଥ କବିରଙ୍କର ଉପାସକ ଥିଲେ। କବୀର ଉପାସକମାନେ ତାଙ୍କର ଦୋହା, "ଜାତ ପାତ ପୁଛନ କୋଇ, ହରକୋ ଭଜେ ସୋ ହର୍‌କା ହୋଇ" ରେ ବିଶ୍ୱାସ କରୁଥିଲେ। ଏଣୁ ବହୁ ଅଛୁଆଁ ପରିବାର କବୀରଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ। ରାମ୍‌ଜୀ ସକ୍‌ପାଲଙ୍କର ଚଉଦଗୋଟି ପୁଅଝିଅ ଥିଲେ। ଭୀମରାଓ ତାଙ୍କର ଶେଷ ସନ୍ତାନ। ଭୀମରାଓଙ୍କର ଜନ୍ମ ବିଷୟରେ ଏକ କାହାଣୀ ଶୁଣିବାକୁ ମିଳେ। ରାମଜୀ ସକ୍‌ପାଲ ମେହୋଠରେ ପରିବାର ନେଇ ରହିବା ସମୟରେ କେତେକ ବୌଦ୍ଧ ସନ୍ନ୍ୟାସୀ ସେଇ ବାଟ ଦେଇ ଯାଉଥିଲେ। ସେମାନଙ୍କ ମଧ୍ୟରେ ରାମଜୀଙ୍କ ପରିବାରର ଜଣେ ସମ୍ପର୍କୀୟ ଥିବାର କେହି ଜଣେ ସ୍ତ୍ରୀଲୋକ ଦେଖି ତାହା ରାମଜୀଙ୍କୁ କହିଲା। ରାମ୍‌ଜୀ ସକ୍‌ପାଲ୍ ତାଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କଲେ। କିନ୍ତୁ ସେ ସନ୍ନ୍ୟାସୀ ହେତୁ ଆସିଲେନାହିଁ। ବହୁ ଅନୁରୋଧ କଲେ ମଧ ଅନୁରୋଧ ରକ୍ଷାକରି ନଥିଲେ। ତାଙ୍କୁ ଆଶୀର୍ବାଦ କରି ତାଙ୍କ ଘରେ ଗୋଟିଏ ଉଚ୍ଚ କୋଟୀର ପୁତ୍ର ଜନ୍ମ ହେବବୋଲି କହିଲେ। ରାମଜୀ ସକପାଲ ଏବଂ ତାଙ୍କର ସ୍ତ୍ରୀ ଥିଲେ ଧାର୍ମିକ।୧୮୯୧ ମସିହା

ଏପ୍ରିଲ ୧୪ ତାରିଖ ଦିନ ମେହୋଠାରେ ରାମ୍‌ଜୀ ପରିବାରରେ ପୁତ୍ରଟିଏ ଜନ୍ମ ହେଲା। ତାହାର ନାଁ ରଖିଲେ ଭୀମ। ସେହି ପିଲାଟି ବଡ଼ ହୋଇ ଡ଼କ୍ଟର୍ ଭୀମରାଓ ରାମ୍‌ଜୀ ଆମ୍ବେଦକର ଭାବରେ ପରିଚିତ ହେଲେ।

ଭୀମଙ୍କର ମାଆ ଭିମାବାଈ ମୁରବାଦକର ର ଏକ ଅଛୁଆଁ ହିନ୍ଦୁ ପରିବାରରୁ ଆସିଥିଲେ। ସେ ଦେଖିବାକୁ ସୁନ୍ଦରୀ ଥିଲେ। ସେ ବମ୍ବେ ରାଜ୍ୟର ଥାନା ଜିଲ୍ଲାର ମୁର୍ବାଦ ଗ୍ରାମର ଏକ ଧନୀ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କ ବାପା ଓ କକା ସୁବେଦାର ଥିଲେ। ସେମାନେ ମଧ କବୀରଙ୍କର ଉପାସକ ଥିଲେ। ଭୀମଙ୍କୁ ଦୁଇବର୍ଷ ହେବାବେଳେ ତାଙ୍କ ପିତା ସେନାବାହିନୀ ଚାକିରୀରୁ ଅବସରନେଇ କୋନ୍‌କନ୍‌ର ଡ଼ାପୋଲିଠାରେ ଆସି ରହିଲେ। ସୁବେଦାର ରାମ୍‌ଜୀ ସକ୍‌ପାଲ ବେଶିଦିନ ସେଠାରେ ନରହି ଚାକିରୀପାଇଁ ସତାରା ଆସିଥିଲେ ଓ ସେନାଛାଉଣୀରେ ଯୋଗଦେଲେ। ସତାରା ଠାରେ ଭୀମାବାଈଙ୍କର ଦେହାନ୍ତ ହେଲା। ଭୀମଙ୍କୁ ସେତେବେଳେ ପାଞ୍ଚବର୍ଷ।

ରାମଜୀ ସକପାଲ କଠିନ ପରିଶ୍ରମ କରିପାରୁଥିଲେ। ସେ ପ୍ରତ୍ୟେକ ଦିନ ସକାଳ ଓ ସଂଧ୍ୟାରେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ। ସେ ରାମାୟଣ ଓ ମହାଭାରତ ପଢ଼ି ପିଲାଙ୍କୁ ଶୁଣାଉଥିଲେ। ସେ ମହାତ୍ମା ଫୁଲେଙ୍କୁ ତାଙ୍କର ସମାଜସେବା ପାଇଁ ପ୍ରଶଂସା କରୁଥିଲେ ଏବଂ ତାଙ୍କପରି ଅଛୁଆଁ ଲୋକମାନଙ୍କର ଉନ୍ନତିପାଇଁ ଚେଷ୍ଟାକରିଥିଲେ। ଏପରି ଏକ ପରିବାରରେ ଜନ୍ମହୋଇ ଭୀମରାଓ ପିଲାଦିନରୁ ତାଙ୍କ ପିତାଙ୍କ ପରି ମନୋବଳ ଓ ଧୈର୍ଯ୍ୟ ରଖିଥିଲେ ଏବଂ ସମାଜର ମଙ୍ଗଳପାଇ କାମକରିବାକୁ ଚାହୁଁଥିଲେ।ବିଦ୍ୟାଳୟରେ ପଢ଼ିବାବେଳେ ତାଙ୍କପ୍ରତି ଯେଉଁ ବ୍ୟବହାର ହେଉଥିଲା, ସେଥିରେ ସେ ଦୁଃଖିତ ହେଉଥିଲେ। ଖରାଛୁଟିରେ ସେ, ତାଙ୍କ ବଡ଼ଭାଇ ଓ ପୁତୁରା ତାଙ୍କ ପିତାଙ୍କୁ ଭେଟିବାପାଇଁ ସତାରାଠାରୁ ଗୋରେଗାଁ ଯାଉଥିଲେ। ସେମାନେ ପାଦାଲି ରେଲ ଷ୍ଟେସନ୍ ରୁ ଟ୍ରେନ ଯୋଗେ ମସୁର୍ ପର୍ଯ୍ୟନ୍ତ ଗଲେ। ତାଙ୍କ ପିତା ଖବର ପାଇ ନଥିବା ଯୋଗୁଁ ସେମାନଙ୍କୁ ନେବାକୁ ଷ୍ଟେସନକୁ ଆସିନଥିଲେ। ସେମାନେ ସେଠାରେ କିଛି ସମୟ ଅପେକ୍ଷା କଲେ। ପରେ ଏକ ବଳଦଗାଡ଼ିରେ ଯିବାକୁ ଲାଗିଲେ। ଗାଡ଼ିଆଳ ଏମାନଙ୍କୁ ଅଛୁଆଁବୋଲି ଜାଣି ଗାଡ଼ିଟିକୁ ରଖିଦେଇ ଏମାନଙ୍କୁ ଗାଳିଦେବାକୁ ଲାଗିଲା। ପିଲାଦୁହେଁ ଗାଡ଼ିଆଳକୁ ଅଧିକା ଦୁଇଗୁଣ ପଇସା ଦେଇ ଶାନ୍ତ କଲେ। ଭୀମଙ୍କର ବଡ଼ଭାଇ ଗାଡ଼ି ଚଳାଇଲେ, ଗାଡ଼ିଆଳ ପଛେ ପଛେ ଚାଲିଲା। ବାଟରେ ସେମାନେ କେଉଁଠାରେ ପିଇବାକୁ ପାଣି ପାଇଲେ ନାହିଁ। ଗୋଟିଏ ରାସ୍ତାକଡ଼ କୂଅରୁ ପାଣିପିଉଥିବାବେଳେ ସେମାନେ ଅଛୁଆଁ ବୋଲି




ଜାଣି ଲୋକମାନେ ତାଙ୍କୁ ବାଡ଼ିରେ ପିଟିଲେ। ଏଇମିତି ପ୍ରତ୍ୟେକ ଦିନ କେତେ ଘଟଣା ତାଙ୍କ ମନରେ ବିଦ୍ରୋହ ସୃଷ୍ଟିକଲା। ମଇଁଷିର ରୁମକୁ କାଟିବା ଭଲ କିନ୍ତୁ ଅଛୁଆଁ ଲୋକର ବାଳ କାଟିବା ପାପ। ଏହା ଥିଲା ବାରିକର କଥା। ଏଣୁ ଭୀମ ଓ ତାଙ୍କ ଭାଇମାନଙ୍କର ବାଳକୁ ଘରେ ଭଉଣୀମାନେ କାଟି ଦେଉଥିଲେ।

ଦିନେ ସାଙ୍ଗ ପିଲାମାନେ ତାଙ୍କୁ ବର୍ଷାରେ ଯିବାପାଇଁ କହିଲେ। ସେ ଛତା ନଥାଇ ବର୍ଷାରେ ଭିଜି ଭିଜି ସ୍କୁଲରେ ଯାଇ ପହଁଚିଲେ। ତାଙ୍କର ଏ ଅବସ୍ଥା ଦେଖି ଶ୍ରେଣୀ ଶିକ୍ଷକ ତାଙ୍କ ଘରୁ ଲୁଗା ମଗାଇଦେଲେ। ସେ ଲୁଗା ଏତେ ସାନଥିଲା ଯେ ସେ ପ୍ରାୟ ଅଧା ଲଙ୍ଗଳାହୋଇ ଶ୍ରେଣୀରେ ବସିଲେ। ସେ ସ୍କୁଲରେ

ଜଣେ ବ୍ରାହ୍ମଣ ଶିକ୍ଷକ ଥିଲେ। ସେ ଭୀମକୁ ଭାରି ଭଲ ପାଉଥିଲେ। ଭୀମଙ୍କର ସାଙ୍ଗୀଆଥିଲା ଆମ୍ବାଭାଦେକର। ଏଇ ଶିକ୍ଷକ ତାଙ୍କୁ ବଦଳାଇ ରଖିଲେ ଆମ୍ବେଦକର। ତାଙ୍କୁ ଶ୍ରେଣୀ ଗୃହର ଏକଣା କଣରେ ବସିବାକୁ ହେଉଥିଲା। କେହି ତାଙ୍କର ଖାତା ଦେଖୁ ନଥିଲେ, ପ୍ରଶ୍ନ ପଚାରୁନଥିଲେ। ଶୋଷ ହେଲେ, ସେ ଉପରକୁ ପାଟି ଆଁକରି ଠିଆ ହେଉଥିଲେ ଏବଂ କେହି ଜଣେ ତାଙ୍କ ପାଟିରେ ,ପାଣି ଢ଼ାଳୁଥିଲା।

## ଜ୍ଞାନଶକ୍ତି

ସୁବେଦାର ରାମଜୀ ତାଙ୍କର ପିଲାମାନଙ୍କ ସହିତ ବମ୍ବେ ଚାଲିଯାଇ ଲୋୟର ପାରେଲ ଠାରେ ଏକ ଚାଲଘରେ ରହିଲେ। ଭୀମ ମରାଠା ହାଇସ୍କୁଲ



ରେ ଯୋଗଦେଲେ। ଯୁବକ ବେଳୁ ତାଙ୍କର ପଢ଼ିବାରେ ଆଗ୍ରହଥିଲା। ସେ ପାଠ ବହି ଛଡ଼ା ଅନ୍ୟାନ୍ୟ ପୁସ୍ତକ ମଧ୍ୟ ପଢୁଥିଲେ। କିଛିଦିନପରେ ଭୀମ ପଢ଼ିବାପାଇଁ ଏଲିଫିନ୍ ଷ୍ଟୋନ୍ ହାଇସ୍କୁଲ୍‌କୁ ଗଲେ। ଏଠାରେ ଭୀମ ଅଛୁଆଁ ବ୍ୟବହାର ପାଇଲେ। ଦିନକର ଘଟଣା। ଶ୍ରେଣୀ ଶିକ୍ଷକ ଭୀମଙ୍କୁ ବ୍ଲାକ ବୋର୍ଡ଼ ନିକଟକୁ ଡ଼ାକି ଏକ ଅଙ୍କ କଷିବାକୁ କହିଲେ। ଛୁଆଁ ଜାତିର ଛାତ୍ରମାନେ ବ୍ଲାକବୋର୍ଡ଼ ନିକଟରେ ସେମାନଙ୍କର ଟିଫିନ୍ ବାକ୍ସ ରଖିଥିଲେ। ଭୀମ ବ୍ଲାକ ବୋର୍ଡ଼ ପାଖରେ ପହଁଞ୍ଚିଲେ। ସେମାନଙ୍କର ଟିଫିନ୍ ବାକ୍ସରେ ଥିବା ଖାଦ୍ୟ ଅପବିତ୍ର ହେବ ଭାବିନେଲେ ଏବଂ ଛାତ୍ରମାନେ ଟିଫିନ୍ ବାକ୍ସକୁ ସେଠାରୁ ଘୁଞ୍ଚାଇବା କାର୍ଯ୍ୟରେ ଲାଗିଗଲେ। ଏହା ଭୀମଙ୍କପାଇଁ ଅତ୍ୟନ୍ତ ଦୁଃଖ ଦାୟକ ଘଟଣା ଥିଲା। ବିଦ୍ୟାଳୟରେ ସଂସ୍କୃତ ଏକ ବିଷୟ ଭାବରେ ପଢ଼ିବା ଲାଗି ତାଙ୍କୁ ଦିଆଯାଇ ନଥିଲା। ବହୁ ବାଧା ବିଘ୍ନ, ଲଜ୍ଜାକର ପରିସ୍ଥିତି ମଧ୍ୟରେ ଭୀମ ଏଲିଫିନ୍ ଷ୍ଟୋନ ହାଇସ୍କୁଲରୁ ମାଟ୍ରିକ୍ ୭୫୦ ନମ୍ବରରୁ ୨୮୨ ନମ୍ବର ରଖି ପାସ୍ କଲେ। ଅଛୁଆଁ ଜାତିମାନଙ୍କ ମଧ୍ୟରେ ଭୀମଙ୍କର ଏହି ସଫଳତା ଅସାଧାରଣ ଥିଲା। ଭୀମଙ୍କୁ ଏଥିପାଇଁ ସମ୍ବର୍ଦ୍ଧନା ଦିଆଗଲା। ସମାଜ ସଂସ୍କାରକ ଶ୍ରୀ ଏସ୍. କେ. ଭୋଲେ ଏହି ସଭାରେ ସଭାପତିତ୍ୱ କରିଥିଲେ। ସେହି ସଭାରେ ମରାଠୀ ସାହିତ୍ୟିକ କ୍ରିଷ୍ଣାଜୀ ଅର୍ଜୁନ କେଲୁସ୍କର ଉପସ୍ଥିତ ଥିଲେ। ସେ ଭୀମଙ୍କର ପାଠ ପଢ଼ିବାପ୍ରତି ଆଗ୍ରହଥିବା ଦେଖି ତାଙ୍କୁ ଗୌତମ ବୁଦ୍ଧଙ୍କ ଜୀବନୀ ପୁସ୍ତକ ଉପହାର ଦେଇଥିଲେ। କେଲୁସ୍କର ଭୀମଙ୍କୁ ଏହି ସଭାରେ ପ୍ରଶଂସା କରିଥିଲେ ଏବଂ ଅଧିକ ପଢ଼ିବାପାଇଁ କହିଥିଲେ।

ମାଟ୍ରିକ ପାଶ କରିବାପରେ ତାଙ୍କର ବିବାହ ହୋଇଥିଲା। ବମ୍ବେର ବାଇକୁଲା ମାର୍କେଟ୍ ର ଖୋଲା ପଡ଼ିଆରେ ଭୀମରାଓଙ୍କର ବିବାହ କାର୍ଯ୍ୟ ହେଲା। ଦିନବେଳା ମାର୍କେଟ୍ ସରିବାପରେ ବର ଓ ବରଯାତ୍ରୀଦଳ ଏବଂ କନ୍ୟାପକ୍ଷ ପଡ଼ିଆର ଉଭୟ ପାଖରେ ପହଁଞ୍ଚିଲେ । ଦୋକାନର ପିଢ଼ିଣ୍ଡିମାନ ବସିବାସ୍ଥାନ ହେଲା ଏବଂ ଖୋଲା ପଡ଼ିଆ ବିବାହ ମଣ୍ଡପ ହୋଇଥିଲା। ସେତେବେଳେ ଭୀମରାଓଙ୍କୁ ୧୭ ବର୍ଷ ଓ ତାଙ୍କ ସ୍ତ୍ରୀ ରାମି ୯ ବର୍ଷର ଝିଅ। ବିବାହପରେ ତାଙ୍କର ନାଁ ରଖିଥିଲେ ରମାବାଇ।

ଭୀମରାଓ ବମ୍ବେର ଏଲିଫିନ୍ ଷ୍ଟୋନ୍ କଲେଜରେ ନାମ ଲେଖାଇଲେ। ସେଠାରୁ ସେ ୧୯୧୨ ମସିହାରେ ବି. ଏ. ପରୀକ୍ଷାରେ ପାଶ୍ କଲେ। ସେତେବେଳକୁ ମହାରାଷ୍ଟ୍ରରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥାଏ। ଆମ୍ବେଦକରଙ୍କର ମନ ଉପରେ

ଦେଶପ୍ରେମର ପ୍ରଭାବ ପଡୁଥାଏ। ବି. ଏ. ପାଶ କରିବାପରେ ଭୀମରାଓ ବରୋଦା ରାଜାଙ୍କ ଅଧୀନରେ ଚାକିରୀ କଲେ। ଲେଫଟ୍‌ନାଣ୍ଟ ପଦବୀରେ ମାତ୍ର ତେର ଦିନ କାମ କଲାପରେ ପିତାଙ୍କର ଦେହ ଖରାପ୍ ଶୁଣି ସେ ବମ୍ବେ ଚାଲିଆସିଥିଲେ। ପିତା ପୁଅକୁ ଶେଷଦେଖା କରିବାକୁ ଅପେକ୍ଷାକରି ରହିଥିଲେ। ପୁଅକୁ ଦେଖିବାପରେ ପିତା ଚିରଦିନ ପାଇଁ ଆଖି ବୁଜିଦେଲେ। ଏହା ଆମ୍ବେଦକରଙ୍କ ଜୀବନର ସବୁଠାରୁ ଦୁଃଖମୟ ଦିନଥିଲା।

# ଆଲୋକର ସନ୍ଧାନରେ

ନିଜ ଗୋଡ଼ରେ ନିଜେ ଠିଆହେବାର ସମୟ ଭୀମରାଓ ଆମ୍ବେଦକରଙ୍କ ନିକଟରେ ଉପସ୍ଥିତ ହେଲା। ସେ ଅଧିକ ଜ୍ଞାନ ଲାଭ କରିବାକୁ ଅସ୍ଥିର ଥିଲେ। ଏ ସମୟରେ ବରୋଦା ମହାରାଜ କେତେକ ଛାତ୍ରଙ୍କୁ ବିଦେଶ ପଠାଇବାକୁ ଭାବୁଥିଲେ। ଭୀମରାଓ ମହାରାଜାଙ୍କୁ ଦେଖା କରି ତାଙ୍କର ଯିବାକୁ ଇଛାଥିବା ପ୍ରକାଶ କଲେ। ୧୯୧୩ ମସିହା ଜୁନ୍ ୪ ତାରିଖରେ ଏକ ଚୁକ୍ତିପତ୍ରରେ ଦସ୍ତଖତ କରି ସେ ଜୁଲାଇରେ ନ୍ୟୁୟର୍କରେ ପହଁଞ୍ଚିଲେ। ପ୍ରଥମେ ସେ ହାର୍ଟଲେହଲ୍‌ଠାରେ ରହିଲେ। କଲମ୍ବିଆ ବିଶ୍ୱବିଦ୍ୟାଳୟ ତାଙ୍କପାଇଁ ଏକ ନୂତନ ଆବିଷ୍କାର ଥିଲା। ଲେଖିବା, ପଢ଼ିବା, ଖାଇବା, ବୁଲିବା, ଗାଧୋଇବା ଇତ୍ୟାଦିରେ ସେ ସମସ୍ତଙ୍କ ସହିତ ସମାନ ଥିଲେ। ତାଙ୍କ ଜୀବନରେ ଏକ ନୂତନତା, ଏକ ନୂତନ ମୂଲ୍ୟବୋଧ ଜାଗିଉଠିଲା। ସେଠାରେ ସେ ନିଜ ସଂପ୍ରଦାୟର ଲୋକମାନଙ୍କର ଉନ୍ନତିପାଇଁ ସଂକଳ୍ପ କଲେ। ସେ ଉଚ୍ଚତର ଶିକ୍ଷାପାଇବାପାଇଁ ସେଠାରେ କଠିନ ପରିଶ୍ରମ କରିବାକୁ ଲାଗିଲେ। ପ୍ରତ୍ୟେକ ଦିନ ସେ ଅଠରଘଣ୍ଟା ପରିଶ୍ରମ କରୁଥିଲେ। ୧୯୧୫ ମସିହାରେ ସେ 'ଆନ୍‌ସିୟାଣ୍ଟ ଇଣ୍ଡିଅନ୍ କମର୍ସ' ସଂଦର୍ଭ ଲେଖି ପି. ଏଚ୍. ଡ଼ି. ଲାଭ କଲେ। ସେ ସେଠାରେ ''ଭାରତରେ ଜାତି'' ଶୀର୍ଷକ ଏକ ପ୍ରବଂଧ ପଢ଼ିଲେ। ବ୍ରିଟିଶ୍ ଭାରତରେ ରାଜ୍ୟ ମାନଙ୍କର ଅର୍ଥନୈତିକ ଅବ୍ୟସ୍ଥା ଶୀର୍ଷକ ପ୍ରବଂଧରେ ସେ ବ୍ରିଟିଶ୍ ଶାସନ ତନ୍ତ୍ର, ଉପନିବେଶବାଦ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ସେ ସେଥିରେ ଲେଖିଥିଲେ ପ୍ରତ୍ୟେକ ଦେଶରେ ନିମ୍ନଜାତିର ସଂପ୍ରଦାୟମାନେ ରହିଛନ୍ତି। ସେମାନେ ସାମାଜିକ ନିର୍ଯ୍ୟାତନା ଓ ଅନ୍ୟାୟ ଭୋଗ କରୁଛନ୍ତି। ଏହି ବହି ବହୁ ଚର୍ଚ୍ଚାର ବିଷୟ ହୋଇଥିଲା। ସେ ଆମେରିକାରୁ ଲଣ୍ଡନ୍ ଯାଇ ୧୯୧୬ରେ ଆଇନ୍ ଡ଼ିଗ୍ରିପାଇଁ ଗ୍ରେଇନ୍‌ରେ ନାମ ଲେଖାଇଲେ। ତାଙ୍କର ବୃତ୍ତି ଶେଷ ହେବାହେତୁ ତାଙ୍କୁ

ଭାରତକୁ ଫେରିବାକୁ ହୋଇଥିଲା। ବରୋଦାରେ ପହଁଞ୍ଚି ପୁନରାୟ ସେହି ଅଛୁଆଁ ବ୍ୟବହାର ପାଇଲେ। ତାଙ୍କୁ ଷ୍ଟେସନ ରୁ ଆଣିବାକୁ କେହି ଆସିନଥିଲେ। ରହିବାପାଇଁ କେଉଁ ଠାରେ ସ୍ଥାନ ପାଇଲେନାହିଁ। ତାଙ୍କର ଅଧସ୍ତନ କର୍ମଚାରୀମାନେ ତାଙ୍କ ହାତରେ ଫାଇଲ୍ ଓ କାଗଜପତ୍ର ନଦେଇ ତାଙ୍କ ଟେବୁଲ୍ ଉପରକୁ ଫିଙ୍ଗୁଥିଲେ। ସେ ପାର୍ଶିମାନଙ୍କ ରହୁଥିବା ପାନ୍ଥ ଶାଳାରେ ମଧ୍ୟ ରହି ପାରିଲେନାହିଁ। କ୍ଳାନ୍ତ, ଅବସନ୍ନ, କ୍ଷୁଧାର୍ତ୍ତ ଆମ୍ବେଦକର ଦୁଃଖ, ଗ୍ଳାନୀ ଓ ଲଜାରେ ଗଛତଳେ ବସି କାନ୍ଦିବାକୁ ଲାଗିଲେ। ବ୍ୟକ୍ତିଗତ ସ୍ତରରେ ପାଣ୍ଡିତ୍ୟ ଲାଭ କରିମଧ୍ୟ ସବର୍ଣ୍ଣ ହିନ୍ଦୁମାନଙ୍କର ଅତ୍ୟାଚରରୁ ନିଜକୁ ରକ୍ଷାକରିପାରିଲେ ନାହିଁ। ସେ ବମ୍ବେ ଫେରିଆସିଲେ। ସେ ନିଜପାଇଁ ରୋଜଗାରର ବାଟ ଖୋଜିଲେ। ସେତବେଲେ ସିଡ଼ିନ୍ ହାମ୍ କଲେଜରେ ଏକ ଅଧ୍ୟାପକ ଚାକିରୀ ଖାଲିଥିବା ଜାଣି ସେ ସାକ୍ଷାତକାର ଦେଲେ ଓ ଅଧ୍ୟାପକ ନିଯୁକ୍ତ ହେଲେ। ଅଧ୍ୟାପକ ଭାବରେ ତାଙ୍କର ସଫଳତା ତାଙ୍କର ଅଛୁଆଁ ଦୋଷକୁ ପରିବର୍ତ୍ତନ କରିପାରିଲାନାହିଁ। କେତେକ ଗୁଜୁରାଟି ପ୍ରଫେସର କଳସୀରୁ ସେ ପାଣି ପିଇବାରେ ବାଧା ଦେଲେ। ଅଧ୍ୟାପକ ଚାକିରୀ ତାଙ୍କପାଇଁ କେବଳ ଏକ ମାଧ୍ୟମ ଥିଲା। ଛୁଆଁ ଅଛୁଆଁର ମୂଳ କେଉଁଠି ତାହା ଖୋଜିବାରେ ସେ ଲାଗିଥିଲେ।

ସେ ଏ ସମୟରେ ମଣ୍ଟେଗୁ ଚେମସ୍‌ଫୋର୍ଡ଼ ସଂସ୍କାର କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରି ଅସ୍ପୃଶ୍ୟ ମାନଙ୍କପାଇଁ ସେମାନଙ୍କ ଲୋକସଂଖ୍ୟା ଅନୁପାତରେ ଅଲଗା ନିର୍ବାଚନମଣ୍ଡଳୀ ଦାବୀକଲେ। ସେ ଏକା ଧର୍ମର ଲୋକମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟ ଓ ସମାନତା ପ୍ରତିଷ୍ଠିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ। ସେ କୋହ୍ଲାପୁର ମହାରାଜାଙ୍କ ସଂସ୍ପର୍ଶରେ ଆସି ଏକ ପାକ୍ଷିକ ପତ୍ରିକା "ମୂକ ନାୟକ" ପ୍ରକାଶ କଲେ। ସେ ତାହାର ପ୍ରଥମ ସଂଖ୍ୟାରେ ଲେଖିଥିଲେ, "ଭାରତ ହେଉଛି ଅସମାନତାର ଦେଶ" ।ହିନ୍ଦୁ ସମାଜ ଏକ ବିରାଟ ବହୁତଳବିଶିଷ୍ଟ କୋଠା ଯେଉଁଥିରେ ଅନେକ ମହଲା ରହିଛି କିନ୍ତୁ ସେଥିରେ ପ୍ରବେଶ କରିବାକୁ ସିଡ଼ି ବା ଦ୍ୱାର ନାହିଁ। ଯିଏ ଯେଉଁ ମହଲାରେ ଜନ୍ମ ହୋଇଛି, ସେ ସେଠାରେ ହିଁ ମୃତ୍ୟୁଲାଭ କରିବ। ବ୍ରାହ୍ମଣ, ଅବ୍ରାହ୍ମଣ ଓ ଶୂଦ୍ର ଏମାନଙ୍କୁ ନେଇ ହିନ୍ଦୁ ସମାଜ। ଈଶ୍ୱର ପ୍ରତ୍ୟେକଙ୍କ ଦେହରେ ସମାନ ଭାବରେ ବିଦ୍ୟମାନ ବୋଲି କହି ସମଧର୍ମୀ ଲୋକମାନଙ୍କୁ ଅସ୍ପୃଶ୍ୟ କହିବାର କୌଣସି କାରଣ ନାହିଁ । ପଛୁଆ ଜାତିର ଶିକ୍ଷା ଓ କ୍ଷମତାର ଅଭାବ ହିଁ ଏହାର ମୂଳକାରଣ। ସେମାନଙ୍କୁ ଚିର ଦାସତ୍ୱ ଓ ଦାରୀଦ୍ର୍ୟରୁ ରକ୍ଷାକରିବାପାଇଁ ସେମାନଙ୍କ ଚେତନାର ବିକାଶ କରିବା ଆବଶ୍ୟକ।" ପୁନରାୟ

ସେ ଲେଖିଥିଲେ, "ଭାରତ କେବଳ ସ୍ୱାଧୀନ ହେଲେ ହେବନାହିଁ, ତାକୁ ବିଭିନ୍ନ ଧର୍ମ, ସାମାଜିକ, ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥା ପାଇଁ ସମସ୍ତଙ୍କୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସୁବିଧା ଓ ସୁଯୋଗ ଦେବାକୁ ଦେବ।" ସେ ୧୯୨୦ ମସିହାରେ ନାଗପୁର ଠାରେ ଅନୁଷ୍ଠିତ ଏକ ସର୍ବଭାରତୀୟ ସମ୍ମିଳନୀରେ ସଭାପତିତ୍ୱ କରି ଅସବର୍ଣ୍ଣ ସମ୍ପ୍ରଦାୟକୁ ଏକତ୍ର କରିବାକୁ ଚେଷ୍ଟାକଲେ।

୧୯୨୦ ମସିହା ଜୁଲାଇ ମାସରେ ପୁନରାୟ ତାଙ୍କର ପାଠପଢ଼ା ଶେଷ କରିବା ପାଇଁ ସେ ଲଣ୍ଡନ ଅଭିମୁଖେ ଯାତ୍ରାକଲେ। ଲଣ୍ଡନଠାରେ ନିଜର ପାଠପଢ଼ାକୁ ଖୁବ୍ ନିଷ୍ଠାର ସହ ଚଳାଇଥିଲେ। ସେତେବେଳକୁ ଭାରତରେ ଗାନ୍ଧିଜୀଙ୍କ ନେତୃତ୍ୱରେ କଂଗ୍ରେସର ଆନ୍ଦୋଳନ ଆରମ୍ଭ ହୋଇଥାଏ। ୧୯୧୯ରେ ବ୍ରିଟିଶ ସରକାର ଦ୍ୱାରା ହୋଇଥିବା ଆଇନରେ ପ୍ରଥମଥର ପାଇଁ ଅସ୍ପୃଶ୍ୟ ଜାତିମାନଙ୍କୁ ଚିହ୍ନଟ କରି ସ୍ୱୀକୃତି ଦିଆଯାଇଥାଏ। ଆମ୍ବେଦକର ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡ଼କ୍ଟର ଅଫ ସାଇନ୍ସ ପାଇଥାନ୍ତି, ଆଇନ ପଢ଼ା ଶେଷ କରିଥାନ୍ତି ଓ ବନ୍ ବିଶ୍ୱବିଦ୍ୟାଳୟରୁ ଡ଼କ୍ଟର ଉପାଧି ପାଇଁ ପାଠପଢ଼ା ଚାଲୁ ରଖିଥାନ୍ତି। ଜୁନ୍ ୧୯୨୩ ମସିହାରେ ସେ ବମ୍ବେ ହାଇକୋର୍ଟରେ ଓକିଲ ଭାବରେ ଯୋଗଦେଲେ।

୧୯୨୪ ମସିହା ବେଳକୁ ଅସ୍ପୃଶ୍ୟ ମାନଙ୍କର ଉନ୍ନତିପାଇଁ ଏକ ସାମାଜିକ ଆନ୍ଦୋଳନ କରିବାକୁ ସେ ପ୍ରସ୍ତୁତ ହେଉଥିଲେ। ମାର୍ଚ୍ଚ ୪ ତାରିଖ ଦିନ ବମ୍ବେର ଦାମୋଦର ହଲ୍ ଠାରେ ଏକ ସଭା ଆହୂତ ହେଲା ଏବଂ ବହୁ ଆଲୋଚନା, ତର୍କ ବିତର୍କ ପରେ ଜୁଲାଇ ୨୦ ତାରିଖରେ "ବହିଷ୍କୃତ ହିତକାରିଣୀ ସଭା" ନାମରେ ଏକ ସଂଗଠନ ଗଢ଼ାଯାଇ ତାକୁ ରେଜେଷ୍ଟ୍ରି ଭୁକ୍ତ କରାଗଲା। ତାର ପରିଚାଳନା କମିଟିର ସଭାପତି ହେଲେ ଆମ୍ବେଦକର। ସେ ସମୟରେ ସମାଜ ସଂସ୍କାରପାଇଁ ବହୁତ ଗୁଡ଼ିଏ ଅନୁଷ୍ଠାନ ଥିଲେ ମଧ୍ୟ ଅସ୍ପୃଶ୍ୟମାନଙ୍କ ମନରେ ଆତ୍ମବିଶ୍ୱାସ, ଆଶା ଓ ଉତ୍ସାହ ସୃଷ୍ଟି କରିପାରିନଥିଲେ। ସେମାନଙ୍କର ଆବଶ୍ୟକତା ଥିଲା "ନିଜେ ନିଜକୁ ସାହାଯ୍ୟ କରିବାହିଁ ସବୁଠାରୁ ବଡ଼ ସାହାଯ୍ୟ।"

## ନୂତନ ସମାଜ ଗଠନ

ଆମ୍ବେଦକର ଥିଲେ ସାମାଜିକ ବିପ୍ଳବୀ। ସମାଜରେ ଥିବା ଅସ୍ପୃଶ୍ୟ ଲୋକମାନଙ୍କପ୍ରତି ହେଉଥିବା ଅତ୍ୟାଚାରକୁ ସେ ନିଜର ଅତ୍ୟାଚାର ଭାବରେ ଗ୍ରହଣ

କରୁଥିଲେ। ସବର୍ଣ୍ଣ ହିନ୍ଦୁମାନଙ୍କର ସାହାଯ୍ୟ ଓ ସହାନୁଭୂତି ପ୍ରତି ତାଙ୍କର ଘୋର ବିରୋଧ ଥିଲା। ସେ ଏ ରୋଗର ଉପଶମ ପାଇଁ ଠିକ୍ ଔଷଧ ବାଛିଥିଲେ। ସେ ଜାଣିଥିଲେ, ଯେପର୍ଯ୍ୟନ୍ତ ଜଣେ କ୍ରୀତଦାସ ତାର ଦାସତ୍ୱପ୍ରତି ବିରୋଧ ଓ ଘୃଣାଭାବ ପ୍ରକାଶ ନକରିଛି, ସେପର୍ଯ୍ୟନ୍ତ ଏହି ଦାସତ୍ୱରୁ ତାର ମୁକ୍ତି ନାହିଁ। ତେଣୁ ଅଛୁଆଁ ଲୋକମାନେ ନିଜକୁ ଉପରକୁ ଉଠେଇବାକୁ ଚେଷ୍ଟାକରିବାକୁ ସେ ଆହ୍ୱାନ କଲେ। ନିଜକୁ ସାହାଯ୍ୟ, ନିଜର ଉନ୍ନତି, ନିଜର ସମ୍ମାନ ପ୍ରତି ଗୁରୁତ୍ୱ ଦେଲେ। ସେ ସ୍ୱାଧୀନତା ଆନ୍ଦୋଳନରେ ଭାଗନେଲେନାହିଁ। କାରଣ ସେ ଦେଖିଲେ, ଅସ୍ପୃଶ୍ୟ ମାନଙ୍କର ସାମାଜିକ, ଧାର୍ମିକ ଓ ରାଜନୈତିକ ଅଧିକାର ନାହିଁ। ସେମାନେ ସମାଜରେ କୁଷ୍ଠରୋଗୀପରି। ତେଣୁ ତାଙ୍କର ଲକ୍ଷ୍ୟହେଲା ସେହି ଲୋକମାନଙ୍କୁ ଉପରକୁ ଉଠାଇବେ। ଯୁଗ ଯୁଗ ଧରି ସେମାନଙ୍କ ଦେହରେ ଲାଗିଥିବା ଅଛୁଆଁ କଳଙ୍କକୁ ଲୋପକରିବେ। ଆମ୍ବେଦକରଙ୍କ ଏହି ଆହ୍ୱାନପ୍ରତି କୋଣ ଅନୁକୋଣରୁ ସମର୍ଥନ ମିଳିବାକୁ ଲାଗିଥିଲା। ଏ ସମୟରେ ତାଙ୍କର ଓକିଲଭାବରେ ଖ୍ୟାତି ମଧ ବଢ଼ି ଚାଲିଥାଏ। ଗରିବ ଅଛୁଆଁ ଜାତିର ଲୋକମାନେ ଖୋଜି ଖୋଜି ତାଙ୍କ ନିକଟରେ ପହଞ୍ଚି କେଶ୍‌ରୁ ରକ୍ଷାପାଇବାପାଇଁ ନିବେଦନ କରନ୍ତି। ସେତେବେଳକୁ ତାଙ୍କର ତିନିଗୋଟି ପୁଅ ଓ ଗୋଟିଏ ଝିଅ ଶୈଶବରୁ ମରିଯାଇଥାନ୍ତି। କେବଳ ଗୋଟିଏ ମାତ୍ର ପୁଅ ବଞ୍ଚି ରହିଥାଏ। ବ୍ୟକ୍ତିଗତ ଦୁଃଖ ମଧରେ ଅସ୍ପୃଶ୍ୟ ମାନଙ୍କପ୍ରତି ତାଙ୍କ ହୃଦୟରେ ଯେଉଁ ଅନାବିଳ ସ୍ନେହର ଫଲ୍‌ଗୁଧାରାଟି ବହିଚାଲିଥାଏ, ସେଥିରେ ଡ଼େଇଁ ପଡ଼ିବାକୁ ହଜାର ହଜାର ଲୋକ ଆଗେଇ ଆସୁଥାନ୍ତି।


ସେତେବେଳକୁ ବମ୍ବେର ରାଜ୍ୟପାଳ ତାଙ୍କୁ ବମ୍ବେ ବିଧାନସଭାକୁ ସଭ୍ୟପଦରେ ମନୋନୀତ କରିଥାନ୍ତି। ୧୯୨୭ ମାର୍ଚ୍ଚ ୧୯ ଓ ୨୦ ତାରିଖରେ ମାହାଦ ଠାରେ ଏକ ସମ୍ମିଳନୀ ଡ଼କାଗଲା। ଏହି ସମ୍ମିଳନୀରେ ହଜାର ହଜାର ଅଛୁଆଁ ଲୋକ ଏକତ୍ର ହେଲେ। ଆମ୍ବେଦକର ନିଜ ଭାଷଣରେ ନିଜମନଭିତରୁ ବଡ଼ ଓ ଛୋଟ ଭାବନାକୁ ପରିତ୍ୟାଗ କରିବାକୁ ଶପଥ ନେବାକୁ କହିଲେ। ସେହି ସମ୍ମିଳନୀରେ ସରକାର ଅସ୍ପୃଶ୍ୟତା ନିରୋଧ ଆଇନ୍ କରିବାକୁ ଦାବୀ କରାଗଲା। ଏବଂ ସବର୍ଣ୍ଣ ହିନ୍ଦୁମାନେ ସାମାଜିକ, ଧାର୍ମିକ ଓ ରାଜନୈତିକ ଅଧିକାର ପାଇବାରେ ଅସବର୍ଣ୍ଣଙ୍କ ପ୍ରତି ସାହାଯ୍ୟ କରିବାପାଇଁ କୁହାଗଲା। ଏହି ପ୍ରସ୍ତାବକୁ ବହୁ ସବର୍ଣ୍ଣ ସମର୍ଥନ କଲେ। ହଜାର ହଜାର ଅସବର୍ଣ୍ଣ ଲୋକଙ୍କୁ ନେଇ ଆମ୍ବେଦକର ଚୌଦ୍ୱାର ପୋଖରୀରୁ ଯାଇ ପାଣିପିଇଲେ। ଏହା ଥିଲା ଏକ ଐତିହାସିକ ଘଟଣା। ଏ ଘଟଣାରେ କେତେକ

ସବର୍ଣ୍ଣ ହିନ୍ଦୁ ଉତ୍କ୍ଷିପ୍ତ ହେଲେ। ସେମାନେ ଲାଠି ଓ ବାଡ଼ି ନେଇ ସମ୍ମିଳନୀରେ ଥିବା ଲୋକମାନଙ୍କ ଉପରେ ଆକ୍ରମଣ କଲେ। ଏଥିରେ କେତେକ ଅସବର୍ଣ୍ଣ ଲୋକ ଆଘାତ ପାଇଲେ। ଆମ୍ବେଦକର ତାଙ୍କ ଲୋକଙ୍କୁ କୌଣସି ପ୍ରକାର ଗଣ୍ଡଗୋଳରୁ ମୁକ୍ତ ରହିବାପାଇଁ ଅନୁରୋଧ କଲେ। ସରକାର ଏହାର ଅନୁସଂଧାନ କରି କେତେକ ସବର୍ଣ୍ଣ ହିନ୍ଦୁଙ୍କୁ ହାତକଡ଼ି ପକାଇଲେ ଓ ବିଚାରରେ କେତେକଙ୍କୁ ଜେଲ୍ ଦଣ୍ଡ ମିଳିଲା।

ଏହି ସମ୍ମିଳନୀ ସେମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମସାହାଯ୍ୟ ପାଇଁ ପ୍ରେରଣା ଯୋଗାଇଲା। ସେମାନେ ସଂଗ୍ରାମ ଓ ସଂଗଠନ ସଂପର୍କରେ ଧାରଣା କଲେ। ସର୍ବସାଧାରଣ ପୋଖରୀରୁ ପାଣିନେବା ତାଙ୍କର ଅଧିକାର ଓ ସେହି ଅଧିକାରରୁ କେହି ତାଙ୍କୁ ବଂଚିତ କରିପାରିବନାହିଁ ବୋଲି ମାହାଦ ଘଟଣାରୁ ସେମାନେ ଅନୁଭବ କଲେ। ଆମ୍ବେଦକର ଜାଣିଥିଲେ ନିଜ ମତ ପ୍ରକାଶ ପାଇଁ ଏକ କାଗଜର ଆବଶ୍ୟକତା ରହିଛି। ତେଣୁ ସେ ୧୯୨୭ ଏପ୍ରିଲ୍ ୩ ତାରିଖରେ ''ବହିଷ୍କୃତ ଭାରତ'' ନାମରେ ବମ୍ବେଠାରୁ ଏକ କାଗଜ ପ୍ରକାଶ କଲେ। ସେ ଏଥିରେ ''ଅସ୍ପୃଶ୍ୟତା ନିବାରଣ ମୋର ଜନ୍ମଗତ ଅଧିକାର'' ବୋଲି ଘୋଷଣା କରି ବିଭିନ୍ନ ଲେଖାମାନ ଲେଖି ଅସବର୍ଣ୍ଣ ମାନଙ୍କୁ ସେମାନଙ୍କ ଅଧିକାର ସଂପର୍କରେ ସଚେତନ କରାଇଲେ ଓ ସରକାରଙ୍କୁ ସେମାନଙ୍କର ଅଧିକାର ଦେବାକୁ ଦାବୀ କଲେ। ''ଛେଳି ମାନେ ବଳି ପାଇଁ ପ୍ରଯୁଜ୍ୟ,ସିଂହନୁହେଁ।'' ସିଂହ ପରି ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଆଗେଇ ଆସିବାପାଇଁ ସେ ଲୋକମାନଙ୍କୁ ବାରମ୍ବାର ଆହ୍ୱାନ କଲେ।

ଚୌଦ୍ୱାର ଟ୍ୟାଙ୍କରେ ପାଣିପିଇବା ଦ୍ୱାରା ତାହା ଅପବିତ୍ର ହେଲାବୋଲି ରକ୍ଷଣଶୀଳ ସବର୍ଣ୍ଣମାନେ ତାକୁ ଦହି ଓ ଦୁଧ ଢ଼ାଳି ମନ୍ତ୍ର ଉଚ୍ଚାରଣ କରି ଶୁଦ୍ଧ କଲେ। ଆଇନର ପୁନରାୟ ପରିବର୍ତ୍ତନ କରାଗଲା। ଏଥିରେ କ୍ଷୁବ୍ଧ ହୋଇ ନୂତନ ଉତ୍ସାହରେ ଆମ୍ବେଦକର ପୁଣି ଚୌଦ୍ୱାର ପୋଖରୀରେ ପାଣି ପିଇବା ପାଇଁ ମାହାଦ ଠାରେ ଏକ ସମ୍ମିଳନୀ କଲେ। କୋର୍ଟର ନିଷେଧାଜ୍ଞା ସତ୍ତ୍ୱେ ସେ ସେଠାରେ ସଭା କରି କହିଲେ, ''ଏ ଦେଶରେ ସମାନତା ଆଣିବାପାଇଁ ଏ ସମ୍ମିଳନୀ ଡ଼କାଯାଇଛି, ହିନ୍ଦୁ ସମାଜକୁ ସମାନତା ଓ ଜାତିବିହୀନ କରି ପୁନଃ ନିର୍ମାଣ କରିବାର ଆବଶ୍ୟକତା ରହିଛି। ମନୁସ୍ମୃତି ଅସମାନତାର ଧର୍ମଗ୍ରନ୍ଥ।'' ସେ ସେହି ସମ୍ମିଳନୀ ମଣ୍ଡପରେ ମନୁସ୍ମୃତିକୁ ପୋଡ଼ିପକାଇଲେ। ଏହି ସମୟରେ ବ୍ରିଟିଶ ସରକାର ୧୯୧୯ର ଆଇନକୁ ପରିବର୍ତ୍ତନ ଓ ପରିବର୍ଦ୍ଧନ କରିବାପାଇଁ ସାର୍ ଜନ୍ ସାଇମନ୍‌ଙ୍କ ନେତୃତ୍ୱରେ ଏକ କମିଶନ ଗଠନ କଲେ। ଏହି କମିଶନ ସମ୍ମୁଖରେ ସାକ୍ଷୀଦେଇ ସେ ଅସବର୍ଣ୍ଣ

ଶ୍ରେଣୀ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଦାବୀକଲେ। ଅସବର୍ଣ୍ଣ ଶ୍ରେଣୀର ସର୍ବାଙ୍ଗୀନ ଉନ୍ନତିପାଇଁ ଶିକ୍ଷାଉପରେ ଗୁରୁତ୍ୱଦେଇ ଅସବର୍ଣ୍ଣ ଶ୍ରେଣୀ ଶିକ୍ଷା ସମିତି ଜୁନ୍ ୧୯୨୮ରେ ଆରମ୍ଭକଲେ। ଏଥିପାଇଁ ଅର୍ଥ ସଂଗ୍ରହ, ଗୃହ ନିର୍ମାଣ କାର୍ଯ୍ୟପାଇଁ ସେ ଆପ୍ରାଣ ଚେଷ୍ଟାକଲେ! ସେ ସମୟରେ ସେ ବୟନ ଶିଳ୍ପର ଶ୍ରମିକ ଧର୍ମଘଟ, କୃଷି ଶ୍ରମିକ ଆନ୍ଦୋଳନରେ ନିଜକୁ ଜଡ଼ିତ କଲେ। ୧୯୩୦ ମସିହା ମାର୍ଚ୍ଚ ୩ ତାରିଖ ଦିନ ନାସିକ ଠାରେ ଥିବା କାଲାରାମ ମନ୍ଦିରରେ ଅସବର୍ଣ୍ଣମାନେ ପ୍ରବେଶ କରିବାପାଇଁ ତାଙ୍କ ନେତୃତ୍ୱରେ ସତ୍ୟାଗ୍ରହ କଲେ। ଏହି ସତ୍ୟାଗ୍ରହ ମାସେ ଧରି ଚାଲିଲା। ଏପ୍ରିଲ୍ ମାସ ୯ ତାରିଖରେ ରଥ ଯାତ୍ରାରେ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ମିଶି ରଥ ଟାଣିବାର ସ୍ଥିର ହେଲା। କିନ୍ତୁ ସବର୍ଣ୍ଣମାନେ ଚକ୍ରାନ୍ତକରି ରଥକୁ ଅଲଗାବାଟେ ନେଇଯିବା ଫଳରେ ଉଭୟ ପକ୍ଷ ମଧ୍ୟରେ ମରାମରି, ହାତାହାତି ହେଲେ। ସତ୍ୟାଗ୍ରହ ପୁଣି ଚାଲିଲା। ସାଇମନ କମିଶନ୍ ତାଙ୍କ ରିପୋର୍ଟ ଦେଲେ। ଏହି ରିପୋର୍ଟରେ ଅସବର୍ଣ୍ଣମାନଙ୍କପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ହେବାଦାବୀକୁ ଗ୍ରହଣ କରାଯାଇଥିଲା। ଆମ୍ବେଦକରଙ୍କ ନେତୃତ୍ୱରେ ଅସବର୍ଣ୍ଣମାନଙ୍କ ପାଇଁ ସାମାଜିକ ସମାନତା ଓ ରାଜନୈତିକ ଅଧିକାର ଦାବୀ କରାଯାଇଥିଲା। ସେ ମଧ୍ୟ ଘୋଷଣା କରିଥିଲେ ଯେ ଯେତେ ଅସୁବିଧା ହେଲେ ମଧ୍ୟ ସେ ହିନ୍ଦୁ ଧର୍ମକୁ ତ୍ୟାଗ କରିପାରିବେନାହିଁ। ବ୍ରିଟିଶ ସରକାର ଲଣ୍ଡନରେ ଏକ ଗୋଲ ଟେବୁଲ ବୈଠକ ଡ଼ାକିଲେ। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହିତ ଅସବର୍ଣ୍ଣ ଶ୍ରେଣୀର ପ୍ରତିନିଧିତ୍ୱ କରିବାପାଇଁ ଆମ୍ବେଦକରଙ୍କୁ ଡ଼କାଯାଇଥିଲା। ବମ୍ବେଠାରେ ତାଙ୍କର ବିଦାୟକାଳୀନ ସଭାରେ ସେ ଘୋଷଣାକଲେ ଯେ ସେ ଭାରତର ସ୍ୱରାଜ୍ୟ ଦାବୀ କରିବା ସହିତ ତାଙ୍କ ଲୋକମାନଙ୍କର ଅଧିକାର ମଧ୍ୟ ଦାବୀ କରିବେ। ଗୋଲ୍ ଟେବୁଲ ବୈଠକରେ ସେ ଭାରତର ଏକ ପଞ୍ଚମାଂଶ ଲୋକଙ୍କର ମତକୁ ଉପସ୍ଥାପନା କରୁଛନ୍ତି ବୋଲି କହିଲେ। ସେମାନଙ୍କୁ ରାଜନୈତିକ ଅଧିକାର ନଦେଲେ ସମାଜରେ ସମାନତା ସୃଷ୍ଟି ହୋଇପାରିବନାହିଁ। ଆମ୍ବେଦକର ମୌଳିକ ଅଧିକାର ସଂପର୍କରେ ଲେଖିଲେ ଯେ ଅସବର୍ଣ୍ଣମାନେ ସମାନ ଅଧିକାର ପାଇବା ସଙ୍ଗେ ଅସ୍ପୃଶ୍ୟତା ନିବାରଣ ହେବାଉଚିତ। ନିର୍ବାଚିତ ଅନୁଷ୍ଠାନ ମାନଙ୍କରେ ଆନୁପାତିକ ପ୍ରତିନିଧିତ୍ୱ ରହିବ। ଏହି ବୈଠକର ଆଲୋଚନା ଫଳରେ ସମଗ୍ର ବିଶ୍ୱ ଭାରତରେ ଅସ୍ପୃଶ୍ୟମାନଙ୍କର ଅବସ୍ଥା ସଂପର୍କରେ ସଚେତନ ହେଲେ। ଭାରତର ରାଜନୈତିକ ଆକାଶରେ ଅସବର୍ଣ୍ଣ ଶ୍ରେଣୀର ଆବିର୍ଭାବ ଘଟିଲା। ଦ୍ୱିତୀୟ ଗୋଲଟେବୁଲ୍ ବୈଠକକୁ ପୁଣି ଆମ୍ବେଦକରଙ୍କୁ ଡ଼କାଗଲା। ସେ ଏହି କମିଟିର ସଂବିଧାନ ପ୍ରଣୟନ



ସବ୍-କମିଟିର ସଭ୍ୟ ମଧ୍ୟ ହେଲେ। ଗୋଲ ଟେବୁଲ୍ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ମହାତ୍ମାଗାନ୍ଧୀ ଯୋଗ ହେଇଥିଲେ। ଆଲୋଚନାରେ ଅଂଶ ଗ୍ରହଣ କରିବା ବେଳେ ବହୁ ସମୟରେ ଗାନ୍ଧିଜୀଙ୍କ ସହିତ ଆମ୍ବେଦକରଙ୍କର ମତ ପାର୍ଥକ୍ୟ ହୋଇଥିଲା।



ସେପ୍ଟେମ୍ବର ୨୪ ତାରିଖରେ ପୁନା ଚୁକ୍ତି ଦସ୍ତଖତ ହେଲା । ଅସବର୍ଣ୍ଣ ଶ୍ରେଣୀର ପ୍ରତିନିଧିଭାବରେ ଆମ୍ବେଦକର ଏଥିରେ ସ୍ୱାକ୍ଷର କଲେ । ଗାନ୍ଧୀ ଓ ଆମ୍ବେଦକରଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂରହେଲା । ଏହି ଚୁକ୍ତି ଫଳରେ ଅସ୍ପୃଶ୍ୟ ଭାବରେ କେହି ଗଣନା ହେବେନାହିଁ ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସାମଜିକ, ରାଜନୈତିକ ଅଧିକାର ମିଳିବ । ୧୯୩୬ ମସିହା ଅଗଷ୍ଟମାସରେ ଆମ୍ବେଦକର ସ୍ୱାଧିନ ଶ୍ରମିକ ଦଳ ନାମରେ ଏକ ଦଳ ଗଠନ କଲେ । ତାର ଉଦ୍ଦେଶ୍ୟ ସମ୍ପର୍କରେ ଆମ୍ବେଦକର କହିଲେ ଯେ ଏହି ଦଳ ଲୋକମାନଙ୍କୁ ଗଣତନ୍ତ୍ର, ଆଦର୍ଶ ଏବଂ ଆଇନ ଅନୁମୋଦିତ

ସଂଘର୍ଷ ଶିକ୍ଷାଦେବ। ଏହି ଦଳ କେବଳ ବମ୍ବେପ୍ରଦେଶ ମଧ୍ୟରେ ସୀମାବଦ୍ଧ ରହିଲା। ସତର ଜଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିଲେ। ପନ୍ଦରଜଣ ନିର୍ବାଚିତ ହେଲେ। ୧୯୩୭ ମାର୍ଚ୍ଚ ୧୭ ତାରିଖରେ ବମ୍ବେ ହାଇକୋର୍ଟ ଅସବର୍ଣ୍ଣଶ୍ରେଣୀ ସପକ୍ଷରେ ଚୌଦ୍ୱାର ପୋଖରୀ ପାଣି ବ୍ୟବହାର କରିବାକୁ ରାୟ ଦେଲେ। ବମ୍ବେରେ କଂଗ୍ରେସ ନେତୃତ୍ୱରେ ସରକାର ଗଠନ ହେଲା। ଆମ୍ବେଦକର ବିରୋଧିଦଳରେ ରହିଲେ। ୧୯୩୮ ସେପ୍ଟେମ୍ବର ମାସରେ ଶ୍ରମିକ ବିରୋଧି ବିଲ୍‌କୁ ବିରୋଧକରି ସେ ବମ୍ବେର ଶ୍ରମିକ ଶ୍ରେଣୀକୁ ଏକଜୁଟ୍ କରିପାରିଥିଲେ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭହେଲା। ଆମ୍ବେଦକର କଂଗ୍ରେସକୁ ସମାଲୋଚନାକରି କହିଲେ ଯେ ମୁସଲମାନଙ୍କ ଦାବୀକୁ ଗ୍ରହଣ କରି ଯଦି ଭାରତ ବିଭକ୍ତ ହୁଏ, ତେବେ ଅସବର୍ଣ୍ଣ ଶ୍ରେଣୀ ମଧ୍ୟ ଅଲଗା ରହିବାକୁ ବାଧ ହେବେ। ଏହି ସମୟରେ ସେ ଗୋଟିଏ ପୁସ୍ତକ ଲେଖିଲେ, ତାର ନାଁ ଥିଲା "ପାକିସ୍ତାନ ସଂପର୍କରେ ଚିନ୍ତାଧାରା।" ଏ ସଂପର୍କରେ ଆଲୋଚନାକରି ଆମ୍ବେଦକର କହିଲେ, "ଇତିହାସକୁ ଭୁଲିଯିବା ଲୋକମାନେ ଇତିହାସ ସୃଷ୍ଟିକରିପାରିବେ ନାହିଁ। ଆମକୁ ଆମର ମାତୃଭୂମିକୁରକ୍ଷା କରିବାକୁ ହେବ। ସବର୍ଣ୍ଣ ହିନ୍ଦୁ ମାନଙ୍କ ସହିତ କେତେକ ବିଷୟରେ ମୋର ମତ ବିରୋଧ ଥାଇପାରେ କିନ୍ତୁ ମୁଁ ପ୍ରତିଜ୍ଞା କରି କହୁଛିଯେ ମାତୃଭୂମିର ସୁରକ୍ଷାପାଇଁ ମୁଁ ମୋର ପ୍ରାଣବଳି ଦେବି।" ୧୯୪୨ ଜୁନ୍ ମାସରେ ବଡ଼ଲାଟ୍ ତାଙ୍କର ମନ୍ତ୍ରୀ ପରିଷଦ ନିଯୁକ୍ତି କଲେ। ଡକ୍ଟର ଆମ୍ବେଦକରଙ୍କ ନାମ ଏହି ପରିଷଦ ତାଲିକାରେ ସ୍ଥାନ ପାଇଥିଲା। ୧୯୪୨ ମସିହାରେ କଂଗ୍ରେସ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କଲା। ପୂର୍ଣ୍ଣ ସ୍ୱାଧୀନତା ପାଇଁ କଂଗ୍ରେସ ଦାବୀ କଲା। ବ୍ରିଟିଶ ସରକାର ସମସ୍ତ ନେତାମାନଙ୍କୁ ଜେଲ୍‌କୁ ନେଲେ। ଚାରିଆଡ଼େ ଅରାଜକତା ବ୍ୟାପିଗଲା। ଗାନ୍ଧିଜୀ ଜେଲ୍‌ରେ ଅନଶନ ଆରମ୍ଭକଲେ। କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ। ଆମ୍ବେଦକର ଇସ୍ତଫା ଦେଇନଥିଲେ। ଶ୍ରମ ମନ୍ତ୍ରୀଭାବରେ ସେ ଶ୍ରମିକମାନଙ୍କ ସମସ୍ୟା ଦୂର କରିବାପାଇଁ ଚିନ୍ତିତ ଥିଲେ। ଏହି ସମୟଭିତରେ ସେ ପ୍ରତ୍ୟେକ ସହରକୁ ଯାଇ ଅସବର୍ଣ୍ଣ ଶ୍ରେଣୀର ସଭାମାନଙ୍କରେ ଯୋଗ ଦେଉଥିଲେ। ସମଗ୍ର ଭାରତରେ ସେ ଅସବର୍ଣ୍ଣ ମାନଙ୍କର ପ୍ରକୃତ ନେତା ଭାବରେ ପ୍ରତିଷ୍ଠା ପାଇଥିଲେ। ୧୯୪୫ ଜୁନ୍ ମାସରେ ତାଙ୍କର ଅନ୍ୟ ଏକ ବହି ପ୍ରକାଶିତ ହେଲା। ସେ ବହିର ନାଁ ଥିଲା "କଂଗ୍ରେସ ଓ ଗାନ୍ଧୀ ଅସବର୍ଣ୍ଣଙ୍କ ପାଇଁ କଣ କରିଛନ୍ତି?" କଂଗ୍ରେସ ସହିତ

ତାଙ୍କର ମତ ପାର୍ଥକ୍ୟ ହେତୁ ୧୯୪୫ ନିର୍ବାଚନରେ ତାଙ୍କ ଦଳ ସଂପୂର୍ଣ୍ଣଭାବେ ହାରିଗଲା। ବ୍ରିଟିଶ ସରକାର ଭାରତକୁ ସ୍ୱାଧିନତା ଦେବାପାଇଁ ସ୍ଥିର କଲା ଓ ଏଥିପାଇଁ ଏକ ସଂବିଧାନ ସଭା ଗଠନ ହେବାର ଘୋଷଣା ହେଲା। ବମ୍ବେ ପ୍ରଦେଶ ବିଧାନ ସଭାରେ କୌଣସି ହରିଜନ ସଭ୍ୟ ନଥିବା ଯୋଗୁଁ ସେଠାରୁ ତାଙ୍କ ନାଁ ପ୍ରସ୍ତାବିତ ନହୋଇ କଲିକତାରୁ ପ୍ରସ୍ତାବ ହେଲା। ସେ ମୁସଲମାନ ସଭ୍ୟଙ୍କ ସମର୍ଥନରେ ସମ୍ବିଧାନସଭାକୁ ସଭ୍ୟଭାବରେ ନିର୍ବାଚିତ ହେଲେ। ବ୍ରିଟିଶ ଭାରତ ଛାଡ଼ିବା ପୂର୍ବରୁ ସବର୍ଣ୍ଣ ଓ ମୁସଲମାନ ମାନେ ସେମାନଙ୍କର ଅଧିକାର ପାଇବେ। ସେ ଦୃଷ୍ଟିରୁ ଛଅ କୋଟି ଅସବର୍ଣ୍ଣଙ୍କ ସ୍ୱାର୍ଥ ଓ ଅଧିକାର ସଂପର୍କରେ କଂଗ୍ରେସ ତାର ମତ ଦେଉ। ପୁନାଠାରେ ଆମ୍ବେଦକର ଓ ଅନ୍ୟାନ୍ୟ ହରିଜନ ନେତାମାନେ ସତ୍ୟାଗ୍ରହ କଲେ। ଏ ସତ୍ୟାଗ୍ରହ ପନ୍ଦର ଦିନ ଧରି ଚାଲିଲା। କଂଗ୍ରେସ ଆମ୍ବେଦକରଙ୍କ ସହ ଆଲୋଚନା କଲେ। ଅଗଷ୍ଟ ୨୪ ତାରିଖରେ ମଧ୍ୟବର୍ତ୍ତୀକାଳୀନ ସରକାର ଘୋଷଣା ହେଲା। ଏଥିରେ ଅସବର୍ଣ୍ଣମାନଙ୍କ ତରଫରୁ ବିହାରରୁ ଥିଲେ ଜଗଜ୍ଜୀବନ ରାମ। ସେତେବେଳେ ଆମ୍ବେଦକର ହରିଜନ ସଂଘର ବୈଠକରେ ଯୋଗଦେଇ ରାଜନୈତିକ ପରିସ୍ଥିତିର ବିଶ୍ଳେଷଣ କରୁଥିଲେ। ବଡ଼ଲାଟଙ୍କର ଏହି ଘୋଷଣା ଆମ୍ବେଦକର ଓ ତାଙ୍କ ଦଳପ୍ରତି ଦାରୁଣ ଆଘାତ ଥିଲା। ଅସବର୍ଣ୍ଣଙ୍କ ଅଧିକାରର ସୁରକ୍ଷାପାଇଁ ସେ ଲଣ୍ଡନ ଅଭିମୁଖେ ଯାତ୍ରାକଲେ। ସେ ସେଠାରେ ପ୍ରଧାନମନ୍ତ୍ରୀ ଅଟ୍ଲି ଓ ଅନ୍ୟାନ୍ୟ ନେତାମାନଙ୍କ ସହିତ ଆଲୋଚନା କଲେ। ସମ୍ବିଧାନ ସଭାରେ ସେ ନିଜ ବକ୍ତବ୍ୟକୁ ଉପସ୍ଥାପନ କରନ୍ତୁ ଓ ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇ ଚଳିବାକୁ ତାଙ୍କୁ କୁହାଗଲା।

ସେ ବମ୍ବେ ଫେରିଆସିଲେ। ସେ ସମୟରେ ତାଙ୍କର ଅନ୍ୟଏକ ପୁସ୍ତକ "ଶୂଦ୍ର କେଉଁମାନେ" ପ୍ରକାଶିତ ହେଲା। ୧୯୪୬ ଡ଼ିସେମ୍ବର ୯ ତାରିଖରେ ସମ୍ବିଧାନ ସଭା ବସିଲା। ନେହରୁ ସମ୍ବିଧାନ ସଭାରେ ଭାରତ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ପ୍ରସ୍ତାବ ରଖିଲେ। ଡ଼କ୍ଟର ଏମ୍. ଆର୍. ଜୟକର ମୁସ୍ଲିମ୍ ଲିଗ୍ ଓ ଅନ୍ୟାନ୍ୟ ଦେଶୀୟ ରାଜ୍ୟର ପ୍ରତିନିଧି ନଆସିବା ପର୍ଯ୍ୟନ୍ତ ଏ ପ୍ରସ୍ତାବକୁ ବାଦ ରଖିବାକୁ ଅନୁରୋଧ କଲେ। ଏଥିରେ କଂଗ୍ରେସ ନେତୃ ମଣ୍ଡଳୀ ଉତ୍‌କ୍ଷିପ୍ତ ହେଲେ। ଆମ୍ବେଦକର କହିବାକୁ ଉଠିବାବେଳେ କଂଗ୍ରେସ ଲୋକମାନେ ଭାବିଥିଲେ ସେ ଏହାର ସମାଲୋଚନା କରିବେ। କିନ୍ତୁ ଆମ୍ବେଦକର ତାଙ୍କ ଭାଷଣରେ ଏକ

ଅଖଣ୍ଡ ଭାରତ କଳ୍ପନାକୁ ସାକାର କରିବାପାଇଁ ନେହେରୁଙ୍କର ପ୍ରସ୍ତାବକୁ କିଛିଦିନ ଘୁଞ୍ଚାଇବାକୁ ନିବେଦନ କଲେ। ଏହା ସମସ୍ତଙ୍କର ଗ୍ରହଣୀୟ ହେଲା। ସେହି ପ୍ରସ୍ତାବ ଜାନୁୟାରୀ ମାସକୁ ଘୁଞ୍ଚାଇ ଦିଆଗଲା। ନେହେରୁଙ୍କ ପ୍ରସ୍ତାବ ପରେ ସମ୍ବିଧାନ ସଭାରେ ଗୃହୀତ ହେଲା। ମାତ୍ର ଅଖଣ୍ଡ ଭାରତ ଭାଗ ଭାଗ ହୋଇଗଲା। ୧୯୪୭ ଏପ୍ରିଲ୍ ୨୯ ତାରିଖରେ ସମ୍ବିଧାନ ସଭା ଘୋଷଣା କଲା, "ଯେ କୌଣସି ଭାବରେ ଅସ୍ପୃଶ୍ୟତାକୁ ଲୋପକରାଗଲା ଏବଂ ଯଦି ତା ଉପରେ କୌଣସି ଚାପ ସୃଷ୍ଟି ହୁଏ, ତେବେ ତାହା ଦଣ୍ଡନୀୟ ହେବ। ଆମ୍ବେଦକରଙ୍କ ଦୀର୍ଘଦିନର ସଂଗ୍ରାମ ଓ ସ୍ୱପ୍ନ ସଫଳ ହେଲା।


## ଆଧୁନିକ ମନୁ

ବ୍ରିଟିଶ୍ ପାର୍ଲିଆମେଣ୍ଟ ଜୁଲାଇ ୧୫ ତାରିଖରେ ଭାରତ ସ୍ୱାଧୀନତାଆଇନ୍ ପାଶ୍ କଲେ। ବଂଗ ଭଂଗ ହୋଇଥିବା ଦୃଷ୍ଟିରୁ ବହୁ ସଭ୍ୟ ସଂବିଧାନ ସଭାରେ ସେମାନଙ୍କର ସଭ୍ୟପଦ ହରାଇଲେ। ଆମ୍ବେଦକରଙ୍କୁ ବମ୍ବେ ବିଧାନସଭା କଂଗ୍ରେସ ଦଳ ଡ଼କ୍ଟର ଏମ୍. ଆର. ଜୟକରଙ୍କ ସ୍ଥାନରେ ନିର୍ବାଚିତ କଲେ। ଜୁଲାଇ ମାସ ଶେଷ ବେଳକୁ ନୂତନଭାରତର ମନ୍ତ୍ରୀମଣ୍ଡଳ ଗଠନର ପ୍ରସ୍ତୁତି ଚାଲିଲା। ଏହି ତାଲିକାରେ ପ୍ରଥମେ ଡ଼କ୍ଟର ଆମ୍ବେଦକରଙ୍କ ନାମ ନଥିଲା। କିନ୍ତୁ ବିଭିନ୍ନ କ୍ଷେତ୍ରରୁ ଚାପହେତୁ ନେହେରୁ ତାଙ୍କୁ ସ୍ୱାଧୀନଭାରତର ପ୍ରଥମ ଆଇନ ମନ୍ତ୍ରୀ ହେବାପାଇଁ ଅନୁରୋଧ କଲେ। ଅଗଷ୍ଟ ୩ ତାରିଖରେ ନୂତନ ମନ୍ତ୍ରୀମଣ୍ଡଳ ନାମ ଘୋଷଣା କରାଗଲା। ଡ଼କ୍ଟର ଆମ୍ବେଦକର ଆଇନମନ୍ତ୍ରୀଭାବରେ ସ୍ଥାନ ପାଇଲେ। ସେତେବେଳେ ସେ ବମ୍ବେରେ ଥିଲେ।

୧୯୪୭ ଅଗଷ୍ଟ ତା ୧୫ରିଖରେ ଦେଶ ସ୍ୱାଧୀନ ହେଲା। ମୁସଲମାନଙ୍କ ରାଷ୍ଟ୍ରରୂପେ ପାକିସ୍ଥାନ ଗଠନ ହେଲା। ଅଗଷ୍ଟ ୨୯ ତାରିଖ ଦିନ ସଂବିଧାନ ସଭା ଭାରତର ସଂବିଧାନକୁ ଲେଖିବାପାଇଁ ଗୋଟିଏ ଡ୍ରାଫଟ କମିଟି ଗଠନ କଲେ। ଏହାର ଅଧ୍ୟକ୍ଷ ଡ଼କ୍ଟର ଆମ୍ବେଦକରହେଲେ। ନୂତନ ଭାରତର ସଂବିଧାନର ପ୍ରଣେତାଭାବେ ଡ଼କ୍ଟର ଆମ୍ବେଦକର ହେଲେ ନୂତନ ମନୁ। ଭାରତ ଭାଗ ଭାଗ ହେବାଫଳରେ ଦେଶ ଭିତରେ ବ୍ୟାପକ ହଣା କଟା, ପୋଡ଼ାଜଳା ଲାଗିଲା। ପାକିସ୍ଥାନ ଓ ହାଇଦ୍ରାବାଦରୁ

ହରିଜନମାନେ ଭାରତକୁ ଚାଲିଆସିବାକୁ ଡ଼କ୍ଟର ଆମ୍ବେଦକର ଅନୁରୋଧକଲେ । କୌଣସି ପରିସ୍ଥିତିରେ ସେମାନେ ହିନ୍ଦୁଧର୍ମ ନଛାଡ଼ିବାକୁ ସେମାନଙ୍କୁ ପରାମର୍ଶ ଦେଲେ ।

ସଂବିଧାନ ପ୍ରଣୟନ କାର୍ଯ୍ୟରେ ଡ଼କ୍ଟର ଆମ୍ବେଦକର ବ୍ୟସ୍ତ ରହିଲେ । ଏକାକୀ



ଏହି କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହ କରିଥିଲେ।ଭାରତ ଭାଗ ଭାଗ ହୋଇ ଦେଶରେ ରକ୍ତର ବନ୍ୟା ସୃଷ୍ଟି ହୋଇଥିଲା । ଗାନ୍ଧିଜୀ ଅନଶନ କଲେ । ତଥାପି ହିଂସାକାଣ୍ଡ କମିଲାନାହିଁ । ସମଗ୍ର ବିଶ୍ୱ ହତଚକିତ ହୋଇଗଲା । ଗାନ୍ଧିଜୀ ଆତତାୟୀର ଗୁଳିରେ ପ୍ରାଣ ହରାଇଲେ । ଡ଼କ୍ଟର ଆମ୍ବେଦକର ସଂବିଧାନ ଲେଖିବା କାର୍ଯ୍ୟରେ ମନୋନିବେଶକରି

୧୯୪୮ ମସିହା ଫେବୃୟାରୀ ମାସ ଶେଷକୁ ସଂବିଧାନ ସଭାର ଅଧ୍ୟକ୍ଷଙ୍କ ହାତରେ ସମର୍ପଣ କଲେ। କଠିନ କାର୍ଯ୍ୟ ହେତୁ ତାଙ୍କ ଶରୀର ଭାଙ୍ଗି ପଡ଼ିଲା। ସେ ବିଶ୍ରାମ ଚାହୁଁଥିଲେ। ସାଥିଟିଏର ଆବଶ୍ୟକତା ଥିଲା। ସେ ଡ଼କ୍ଟର ମିସ୍ ସାରଦା କବିରଙ୍କ ସଂସ୍ପର୍ଶରେ ଆସିଲେ। ସେ ଏକଥା ତାଙ୍କର ବଂଧୁ ଭାଭରାଓ ଗାଇକେଓ୍ୱାର୍ଡ଼ଙ୍କୁ କହିଲେ। ପ୍ରଥମ ସ୍ତ୍ରୀର ମୃତ୍ୟୁପରେ ସେ ବିବାହ ନକରିବାର ଶପଥ ନେଇଥିଲେ ମଧ୍ୟ, ବର୍ତ୍ତମାନ ବିବାହ କରିବାକୁ ସ୍ଥିର କଲେ। ତାଙ୍କ ସଂପ୍ରଦାୟରେ ଜଣେ ଶିକ୍ଷିତା ଡ଼ାକ୍ତରାଣୀର ଅଭାବ ହେତୁ ସେ ସାରସ୍ୱତ ବ୍ରାହ୍ମଣ ମହିଳାଙ୍କୁ ଗ୍ରହଣ କରିବାକୁ ଇଚ୍ଛାକଲେ। ୧୯୪୮ ଏପ୍ରିଲ୍ ୧୫ ତାରିଖରେ ଦିଲ୍ଲୀଠରେ ଏହି ବିବାହ ଅନୁଷ୍ଠିତ.



ହେଲା । ୧୯୪୮ ଅକ୍ଟୋବର ମାସରେ ତାଙ୍କର ପ୍ରସିଦ୍ଧ ପୁସ୍ତକ ''ଅସ୍ପୃଶ୍ୟ'' ପ୍ରକାଶିତ ହେଲା । ସଂବିଧାନ ସଭାରେ ନଭେମ୍ବର ୪, ୧୯୪୮ରେ ଡ଼କ୍ଟର ଆମ୍ବେଦକର ସଂବିଧାନକୁ ଆଲୋଚନାପାଇଁ ଉପସ୍ଥାପିତ କଲେ । ସମଗ୍ର ସଂବିଧାନ ସଭା, ଦେଶ ବିଦେଶର ପତ୍ରପତ୍ରିକା ବୃହତମ ଗଣତନ୍ତ୍ରପାଇଁ ଏକ ଲିଖିତ ସଂବିଧାନ ପ୍ରଣୟନ କରି, ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିଥିବା ହେତୁ ଡ଼କ୍ଟର ଆମ୍ବେଦକରଙ୍କର ପ୍ରଶଂସା କଲେ । ଆନନ୍ଦ ଉତ୍ସାହ ମଧ୍ୟରେ, ଲୋକଙ୍କ ହାତରେ କ୍ଷମତା ଦେଇ ସଂବିଧାନ ଗୃହୀତ ହେଲା । ଆମ୍ବେଦକର ୧୯୪୮ ଅକ୍ଟୋବର ମାସରେ ହିନ୍ଦୁ କୋର୍ଡ଼ ବିଲ୍ ଉପସ୍ଥାପିତ କରିଥିଲେ । ତାହା ସେପର୍ଯ୍ୟନ୍ତ ଆଲୋଚିତ ହୋଇନଥିଲା । ୧୯୫୦ ଜାନୁୟାରୀ ୧୧ ତାରିଖରେ ସିଦ୍ଧାର୍ଥ କଲେଜରେ ଭାଷଣ ଦେଇ ସେ କହିଥିଲେଯେ ହିନ୍ଦୁ କୋର୍ଡ଼ ବିଲ୍ ହେଉଛି କିଛିଟା ହିନ୍ଦୁ ଆଇନରେ ପରିବର୍ତ୍ତନ କରିବା । ଏହି ବିଲ୍ ବିରୁଦ୍ଧରେ ବ୍ୟାପକ ଜନମତ ସୃଷ୍ଟି ହେଲା । ଧର୍ମନାମରେ ଏହାକୁ ଗ୍ରହଣ କଲେ ସମାଜ ବ୍ୟବସ୍ଥା ଭାଙ୍ଗିଯିବବୋଲି କହିଲେ । କଂଗ୍ରେସଦଳ ମଧ୍ୟ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ପଟେଲ ଓ ରାଜେନ୍ଦ୍ରପ୍ରସାଦ ଏହାକୁ ବିରୋଧ କରୁଥିଲେ । ଏ ପରିସ୍ଥିତିରେ ୧୯୫୧ ଫେବୃୟାରୀ ୫ ତାରିଖରେ ସେ ପାର୍ଲାମେଣ୍ଟରେ ଏହାକୁ ଉପସ୍ଥାପିତ କଲେ । ବିଭିନ୍ନ ସଭା ସମିତିରେ ଭାଷଣ ଦେଲାବେଳେ ସେ ହିନ୍ଦୁଧର୍ମ ଉପରେ ତାଙ୍କର ଆକ୍ରମଣ ଅବ୍ୟାହତ ରଖିଥିଲେ । ଦିଲ୍ଲୀଠାରେ ବୁଦ୍ଧ ଜୟନ୍ତୀ ଅବକାଶରେ ସେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରି ବୌଦ୍ଧଧର୍ମ ଗ୍ରହଣ କରିବାକୁ କହିଥିଲେ । ଏହା ଉପରେ ଚାରିଆଡୁ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା । ସେତେବେଳକୁ ଡ଼କ୍ଟର ଆମ୍ବେଦକରଙ୍କ ଦେହ କ୍ରମଶଃ ଖରାପ ହେବାକୁ ଲାଗିଥାଏ । ହିନ୍ଦୁ କୋର୍ଡ଼ବିଲ୍ ପାର୍ଲାମେଣ୍ଟରେ ଗୃହୀତହେଲେ ସେ ବିଶ୍ରାମ ନେବାକୁ ଇଛାକରୁଥାନ୍ତି । ବହୁ ଆଲୋଚନା ପରେ, ହିନ୍ଦୁ କୋର୍ଡ଼ବିଲ୍‌ର ବିବାହ ଓ ବିଚ୍ଛେଦ ଅଂଶଟି ଆଲୋଚିତ ହେବାର ସ୍ଥିର ହେଲା । ଡ଼କ୍ଟର ଆମ୍ବେଦକରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ବିଲ୍‌ଟି ପାର୍ଲାମେଣ୍ଟରେ ପାସ୍ ହୋଇପାରିଲାନାହିଁ । ଦୁଃଖରେ, ଅଭିମାନରେ ଡ଼କ୍ଟର ଆମ୍ବେଦକର ୨୭ ସେପ୍ଟେମ୍ବରରେ ଆଇନମନ୍ତ୍ରୀ ପଦବୀରୁ ତାଙ୍କର ଇସ୍ତଫା ପତ୍ର ପ୍ରଧାନମନ୍ତ୍ରୀ ନେହେରୁଙ୍କ ନିକଟକୁ ପଠାଇଦେଲେ । ସରକାରରୁ ଅବ୍ୟାହତି ନେଇ ଡ଼କ୍ଟର ଆମ୍ବେଦକର ସିଡ୍ୟୁଲକାଷ୍ଟ ଫେଡ଼େରେସନ ସଂଗଠନରେ ଲାଗିଗଲେ ଓ ତାଙ୍କ ଦଳ ନିର୍ବାଚନରେ ସମାଜବାଦୀ ଦଳ ସହିତ ମେଣ୍ଟକରି ନିର୍ବାଚନ ଲଢ଼ିଲେ । ୧୯୫୨ ମସିହା ଜାନୁୟାରୀ ମାସ ନିର୍ବାଚନରେ ଡ଼କ୍ଟର ଆମ୍ବେଦକର ପରାସ୍ତ ହେଲେ । ମାର୍ଚ୍ଚମାସରେ ରାଜ୍ୟସଭା ନିର୍ବାଚନରେ

ସେ ବମ୍ବେରୁ ନିର୍ବାଚିତ ହେଲେ। ଜୁନ୍ ୫ ତାରିଖରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼କ୍ଟର ଅଫ୍ ଲ ଉପାଧିରେ ଭୂଷିତ କଲା। ଜାନୁୟାରୀ ୧୨ ତାରିଖ ୧୯୫୩ରେ ଉସମାନିଆ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼କ୍ଟର ଅଫ୍ ଲିଟରେଚର ପଦବୀ ଦେଲା।

## ଅପରାହ୍ନର ଆଲୋକ

ବିଭିନ୍ନ କାର୍ଯ୍ୟ ମଧ୍ୟରେ ସମୟ ଗଡ଼ି ଚାଲିଲା। ସେ ୬୩ ବର୍ଷରେ ପଦାର୍ପଣ କଲେ। ଦୀର୍ଘଦିନର ଅନବରତ ସଂଗ୍ରାମ କରି ସେ ଅସ୍ପୃଶ୍ୟ ମାନଙ୍କୁ ଧୂଳୀରୁ ଉଠାଇ ଆସନରେ ବସାଇବାକୁ ସକ୍ଷମ ହେଲେ।ସେମାନେ ସାମାଜିକ - ଅର୍ଥନୈତିକ. ସୁବିଧା ପାଇବାପାଇଁ ରାଜନୈତିକ କ୍ଷମତା ଦେଲେ। ସେ ଅଛୁଆଁ ମଣିଷମାନଙ୍କର ସ୍ୱତନ୍ତ୍ରତା, ଆତ୍ମସଚେତନତା, ଆତ୍ମସମ୍ମାନକୁ ସ୍ଥାପନ କରିବାକୁ ସକ୍ଷମ ହେଲେ। ୧୯୫୪ ଡ଼ିସେମ୍ବର ମାସରେ ସେ ରେଙ୍ଗୁନ୍ ଠାରେ ତୃତୀୟ ବୌଦ୍ଧ ମହାସମ୍ମେଳନରେ ଭାଗ ନେଲେ। ସେ ସେଠାରେ ଭାରତରେ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାର କରିବାକୁ ଘୋଷଣା କଲେ। ତାଙ୍କ ପ୍ରଚେଷ୍ଟାରେ ଭାରତ ସରକାର ବୁଦ୍ଧ ଜୟନ୍ତୀକୁ ସରକାରୀ ଛୁଟିଭାବରେ ଘୋଷଣା କରିଛନ୍ତିବୋଲି ସେ କହିଲେ। ୧୯୫୬ ମସିହା ଶେଷ ବେଳକୁ ସେ ଲେଖୁଥିବା ପୁସ୍ତକ ''ବୁଦ୍ଧ ଓ ବୌଦ୍ଧଧର୍ମ'' ଶେଷ ହୋଇଯାଇଥିଲା। ସେ କାହିଁକି ବୌଦ୍ଧଧର୍ମକୁ ଭଲ ପାଉଛନ୍ତି, ଏ ସଂପର୍କରେ ରେଡ଼ିଓରେ ଭାଷଣ ଦେଇ କହିଥିଲେ ବୌଦ୍ଧଧର୍ମ ତିନିଗୋଟି ସତ୍ୟ ଉପରେ ପ୍ରତିଷ୍ଠିତ ଯଥାଃ-ପ୍ରଜ୍ଞା, ପ୍ରେମ ଓ ସମାନତା। ୧୯୫୬ ଅକ୍ଟୋବର ୧୪ ତାରିଖ ଦଶହରାଦିନ ସେ ନାଗପୁର ଠାରେ ଭିକ୍ଷୁ ଚନ୍ଦ୍ରମଣୀଙ୍କ ଠାରୁ ବୌଦ୍ଧମନ୍ତ୍ର ଗ୍ରହଣ କରିବେବୋଲି ସ୍ଥିର ହେଲା। ଅକ୍ଟୋବର ୧୧ ତାରିଖରେ ସେ ନାଗପୁରରେ ପହଞ୍ଚିଲେ। ହଜାର ହଜାର ମାହାର ସଂପ୍ରଦାୟର ପୁରୁଷ ଓ ସ୍ତ୍ରୀ ''ଜୟ ଭଗବାନ ବୁଦ୍ଧଙ୍କର ଜୟ, ଜୟ ବାବା ସାହେବଙ୍କର ଜୟ'' କହି ନାଗପୁରରେ ଏକତ୍ରିତ ହେଲେ।

ଅକ୍ଟୋବର ୧୪ ତାରିଖ। ଧଳା କୋର୍ଟ ଓ ଧୋତି ପରିହିତ ହୋଇ ଡ଼କ୍ଟର ଆମ୍ବେଦକର ପତ୍ନୀ ସବିତା ଆମ୍ବେଦକରଙ୍କ ସହିତ ଠିକ୍ ୮-୩୦ମିନିଟ୍‌ରେ ଦୀକ୍ଷାଭୂମି ଉଦ୍ଦେଶ୍ୟରେ ହୋଟେଲରୁ ଯାତ୍ରାକଲେ। ମଣ୍ଡପ ଉପରେ ବୁଦ୍ଧ ମୂର୍ତ୍ତି ଥୁଆ ହୋଇଥାଏ। ତାହାର ଦୁଇ କଡ଼ରେ ଦୁଇଟି ବାଘ ମୂର୍ତ୍ତି। ୮୩ ବର୍ଷ ବୟସ୍କ ମହାସ୍ଥବିର ଭିକ୍ଷୁ ଚନ୍ଦ୍ରମଣୀ ତାଙ୍କର ଚାରିଜଣ ସହଯୋଗୀ ଭିକ୍ଷୁଙ୍କ ସାହାଯ୍ୟରେ ଡ଼କ୍ଟର ଆମ୍ବେଦକର

ହେଲା । ୧୯୪୮ ଅକ୍ଟୋବର ମାସରେ ତାଙ୍କର ପ୍ରସିଦ୍ଧ ପୁସ୍ତକ "ଅସ୍ପୃଶ୍ୟ" ପ୍ରକାଶିତ ହେଲା । ସଂବିଧାନ ସଭାରେ ନଭେମ୍ବର ୪, ୧୯୪୮ରେ ଡ଼କ୍ଟର ଆମ୍ବେଦକର ସଂବିଧାନକୁ ଆଲୋଚନାପାଇଁ ଉପସ୍ଥାପିତ କଲେ । ସମଗ୍ର ସଂବିଧାନ ସଭା, ଦେଶ ବିଦେଶର ପତ୍ରପତ୍ରିକା ବୃହତ୍ତମ ଗଣତନ୍ତ୍ରପାଇଁ ଏକ ଲିଖିତ ସଂବିଧାନ ପ୍ରଣୟନ କରି, ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିଥିବା ହେତୁ ଡ଼କ୍ଟର ଆମ୍ବେଦକରଙ୍କର ପ୍ରଶଂସା କଲେ । ଆନନ୍ଦ ଉତ୍ସାହ ମଧ୍ୟରେ, ଲୋକଙ୍କ ହାତରେ କ୍ଷମତା ଦେଇ ସଂବିଧାନ ଗୃହୀତ ହେଲା । ଆମ୍ବେଦକର ୧୯୪୮ ଅକ୍ଟୋବର ମାସରେ ହିନ୍ଦୁ କୋର୍ଡ଼ ବିଲ୍ ଉପସ୍ଥାପିତ କରିଥିଲେ । ତାହା ସେପର୍ଯ୍ୟନ୍ତ ଆଲୋଚିତ ହୋଇନଥିଲା । ୧୯୫୦ ଜାନୁୟାରୀ ୧୧ ତାରିଖରେ ସିଦ୍ଧାର୍ଥ କଲେଜରେ ଭାଷଣ ଦେଇ ସେ କହିଥିଲେଯେ ହିନ୍ଦୁ କୋର୍ଡ଼ ବିଲ୍ ହେଉଛି କିଛିଟା ହିନ୍ଦୁ ଆଇନରେ ପରିବର୍ତ୍ତନ କରିବା । ଏହି ବିଲ୍ ବିରୁଦ୍ଧରେ ବ୍ୟାପକ ଜନମତ ସୃଷ୍ଟି ହେଲା । ଧର୍ମନାମରେ ଏହାକୁ ଗ୍ରହଣ କଲେ ସମାଜ ବ୍ୟବସ୍ଥା ଭାଙ୍ଗିଯିବବୋଲି କହିଲେ । କଂଗ୍ରେସଦଳ ମଧ୍ୟ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ପଟେଲ ଓ ରାଜେନ୍ଦ୍ରପ୍ରସାଦ ଏହାକୁ ବିରୋଧ କରୁଥିଲେ । ଏ ପରିସ୍ଥିତିରେ ୧୯୫୧ ଫେବୃୟାରୀ ୫ ତାରିଖରେ ସେ ପାର୍ଲାମେଣ୍ଟରେ ଏହାକୁ ଉପସ୍ଥାପିତ କଲେ । ବିଭିନ୍ନ ସଭା ସମିତିରେ ଭାଷଣ ଦେଲାବେଳେ ସେ ହିନ୍ଦୁଧର୍ମ ଉପରେ ତାଙ୍କର ଆକ୍ରମଣ ଅବ୍ୟାହତ ରଖିଥିଲେ । ଦିଲ୍ଲୀଠାରେ ବୁଦ୍ଧ ଜୟନ୍ତୀ ଅବକାଶରେ ସେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରି ବୌଦ୍ଧଧର୍ମ ଗ୍ରହଣ କରିବାକୁ କହିଥିଲେ । ଏହା ଉପରେ ଚାରିଆଡ଼ୁ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା । ସେତେବେଳକୁ ଡ଼କ୍ଟର ଆମ୍ବେଦକରଙ୍କ ଦେହ କ୍ରମଶଃ ଖରାପ ହେବାକୁ ଲାଗିଥାଏ । ହିନ୍ଦୁ କୋର୍ଡ଼ବିଲ୍ ପାର୍ଲାମେଣ୍ଟରେ ଗୃହୀତହେଲେ ସେ ବିଶ୍ରାମ ନେବାକୁ ଇଛାକରୁଥାନ୍ତି । ବହୁ ଆଲୋଚନା ପରେ, ହିନ୍ଦୁ କୋର୍ଡ଼ବିଲ୍‌ର ବିବାହ ଓ ବିଚ୍ଛେଦ ଅଂଶଟି ଆଲୋଚିତ ହେବାର ସ୍ଥିର ହେଲା । ଡ଼କ୍ଟର ଆମ୍ବେଦକରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ବିଲ୍‌ଟି ପାର୍ଲାମେଣ୍ଟରେ ପାସ୍ ହୋଇପାରିଲାନାହିଁ । ଦୁଃଖରେ, ଅଭିମାନରେ ଡ଼କ୍ଟର ଆମ୍ବେଦକର ୨୭ ସେପ୍ଟେମ୍ବରରେ ଆଇନମନ୍ତ୍ରୀ ପଦବୀରୁ ତାଙ୍କର ଇସ୍ତଫା ପତ୍ର ପ୍ରଧାନମନ୍ତ୍ରୀ ନେହେରୁଙ୍କ ନିକଟକୁ ପଠାଇଦେଲେ । ସରକାରରୁ ଅବ୍ୟାହତି ନେଇ ଡ଼କ୍ଟର ଆମ୍ବେଦକର ସିଡ୍ୟୁଲକାଷ୍ଟ ଫେଡ଼େରେସନ ସଂଗଠନରେ ଲାଗିଗଲେ ଓ ତାଙ୍କ ଦଳ ନିର୍ବାଚନରେ ସମାଜବାଦୀ ଦଳ ସହିତ ମେଣ୍ଟକରି ନିର୍ବାଚନ ଲଢ଼ିଲେ । ୧୯୫୨ ମସିହା ଜାନୁୟାରୀ ମାସ ନିର୍ବାଚନରେ ଡ଼କ୍ଟର ଆମ୍ବେଦକର ପରାସ୍ତ ହେଲେ । ମାର୍ଚ୍ଚମାସରେ ରାଜ୍ୟସଭା ନିର୍ବାଚନରେ

ସେ ବମ୍ବେରୁ ନିର୍ବାଚିତ ହେଲେ। ଜୁନ୍ ୫ ତାରିଖରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼କ୍ଟର ଅଫ୍ ଲ ଉପାଧିରେ ଭୂଷିତ କଲା। ଜାନୁୟାରୀ ୧୨ ତାରିଖ ୧୯୫୩ରେ ଉସମାନିଆ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼କ୍ଟର ଅଫ୍ ଲିଟରେଚର ପଦବୀ ଦେଲା।

## ଅପରାହ୍ନର ଆଲୋକ

ବିଭିନ୍ନ କାର୍ଯ୍ୟ ମଧ୍ୟରେ ସମୟ ଗଡ଼ି ଚାଲିଲା। ସେ ୬୩ ବର୍ଷରେ ପଦାର୍ପଣ କଲେ। ଦୀର୍ଘଦିନର ଅନବରତ ସଂଗ୍ରାମ କରି ସେ ଅସ୍ପୃଶ୍ୟ ମାନଙ୍କୁ ଧୂଳୀରୁ ଉଠାଇ ଆସନରେ ବସାଇବାକୁ ସକ୍ଷମ ହେଲେ।ସେମାନେ ସାମାଜିକ - ଅର୍ଥନୈତିକ ସୁବିଧା ପାଇବାପାଇଁ ରାଜନୈତିକ କ୍ଷମତା ଦେଲେ। ସେ ଅଛୁଆଁ ମଣିଷମାନଙ୍କର ସ୍ୱତନ୍ତ୍ରତା, ଆତ୍ମସଚେତନତା, ଆତ୍ମସମ୍ମାନକୁ ସ୍ଥାପନ କରିବାକୁ ସକ୍ଷମ ହେଲେ। ୧୯୫୪ ଡ଼ିସେମ୍ବର ମାସରେ ସେ ରେଙ୍ଗୁନ୍ ଠାରେ ତୃତୀୟ ବୌଦ୍ଧ ମହାସମ୍ମେଳନରେ ଭାଗ ନେଲେ। ସେ ସେଠାରେ ଭାରତରେ ବୌଦ୍ଧଧର୍ମ ପ୍ରଚାର ଓ ପ୍ରସାର କରିବାକୁ ଘୋଷଣା କଲେ। ତାଙ୍କ ପ୍ରଚେଷ୍ଟାରେ ଭାରତ ସରକାର ବୁଦ୍ଧ ଜୟନ୍ତୀକୁ ସରକାରୀ ଛୁଟିଭାବରେ ଘୋଷଣା କରିଛନ୍ତିବୋଲି ସେ କହିଲେ। ୧୯୫୬ ମସିହା ଶେଷ ବେଳକୁ ସେ ଲେଖିଥିବା ପୁସ୍ତକ "ବୁଦ୍ଧ ଓ ବୌଦ୍ଧଧର୍ମ" ଶେଷ ହୋଇଯାଇଥିଲା। ସେ କାହିଁକି ବୌଦ୍ଧଧର୍ମକୁ ଭଲ ପାଉଛନ୍ତି, ଏ ସଂପର୍କରେ ରେଡ଼ିଓରେ ଭାଷଣ ଦେଇ କହିଥିଲେ ବୌଦ୍ଧଧର୍ମ ତିନିଗୋଟି ସତ୍ୟ ଉପରେ ପ୍ରତିଷ୍ଠିତ ଯଥାଃ-ପ୍ରଜ୍ଞା, ପ୍ରେମ ଓ ସମାନତା। ୧୯୫୬ ଅକ୍ଟୋବର ୧୪ ତାରିଖ ଦଶହରାଦିନ ସେ ନାଗପୁର ଠାରେ ଭିକ୍ଷୁ ଚନ୍ଦ୍ରମଣୀଙ୍କ ଠାରୁ ବୌଦ୍ଧମନ୍ତ୍ର ଗ୍ରହଣ କରିବେବୋଲି ସ୍ଥିର ହେଲା। ଅକ୍ଟୋବର ୧୧ ତାରିଖରେ ସେ ନାଗପୁରରେ ପହଞ୍ଚିଲେ। ହଜାର ହଜାର ମାହାର ସଂପ୍ରଦାୟର ପୁରୁଷ ଓ ସ୍ତ୍ରୀ "ଜୟ ଭଗବାନ ବୁଦ୍ଧଙ୍କର ଜୟ, ଜୟ ବାବା ସାହେବଙ୍କର ଜୟ" କହି ନାଗପୁରରେ ଏକତ୍ରିତ ହେଲେ।

ଅକ୍ଟୋବର ୧୪ ତାରିଖ। ଧଳା କୋର୍ଟ ଓ ଧୋତି ପରିହିତ ହୋଇ ଡ଼କ୍ଟର ଆମ୍ବେଦକର ପତ୍ନୀ ସବିତା ଆମ୍ବେଦକରଙ୍କ ସହିତ ଠିକ୍ ଘ୮-୩୦ମିନିଟ୍‌ରେ ଦୀକ୍ଷାଭୂମି ଉଦ୍ଦେଶ୍ୟରେ ହୋଟେଲରୁ ଯାତ୍ରାକଲେ। ମଣ୍ଡପ ଉପରେ ବୁଦ୍ଧ ମୂର୍ତ୍ତି ଥୁଆ ହୋଇଥାଏ। ତାହାର ଦୁଇ କଡ଼ରେ ଦୁଇଟି ବାଘ ମୂର୍ତ୍ତି। ୮୩ ବର୍ଷ ବୟସ୍କ ମହାସ୍ଥବିର ଭିକ୍ଷୁ ଚନ୍ଦ୍ରମଣୀ ତାଙ୍କର ଚାରିଜଣ ସହଯୋଗୀ ଭିକ୍ଷୁଙ୍କ ସାହାଯ୍ୟରେ ଡ଼କ୍ଟର ଆମ୍ବେଦକର




ଓ ତାଙ୍କ ସ୍ତ୍ରୀଙ୍କୁ ବୌଦ୍ଧ ଧର୍ମର ପାଞ୍ଚ ମହାମନ୍ତ୍ର ଓ ତିନି ଶରଣରେ ଦୀକ୍ଷିତ କଲେ। ଆମ୍ବେଦକର ବୁଦ୍ଧଙ୍କର ପ୍ରତିମୂର୍ତ୍ତି ସମ୍ମୁଖରେ ତିନିଥର ନମସ୍କାର କଲେ ଏବଂ ଧଳା ପଦ୍ମ ପ୍ରଦାନ କଲେ। ବୌଦ୍ଧଧର୍ମ ଗ୍ରହଣ କରି ଡକ୍ଟର ଆମ୍ବେଦକର କହିଲେ "ଅସମାନତା ଓ ଅତ୍ୟାଚାର ଉପରେ ଆଧାରିତ ମୋର ପ୍ରାଚୀନ ଧର୍ମକୁ ମୁଁ ତ୍ୟାଗ କରୁଛି। ମୁଁ ବର୍ତ୍ତମାନ ନୂତନଭାବେ ପୁର୍ନଜନ୍ମ ଲାଭ କଲି।" ମୁଁ ଅବତାର ବାଦରେ ବିଶ୍ୱାସ କରେନାହିଁ। ବୁଦ୍ଧଙ୍କୁ ବିଷ୍ଣୁଙ୍କର ଅବତାର କହିବା ପାଗଳାମି। ସେ ଅନ୍ୟମାନଙ୍କୁ ଧର୍ମ ଗ୍ରହଣ କରିବାକୁ ଡ଼ାକିଲେ। ସେଠାରେ ଉପସ୍ଥିତ ସମବେତ ଜନତା ଠିଆହୋଇ ପଡ଼ିଲେ। ସେ ସମସ୍ତଙ୍କୁ ତିନିଗୋଟି ଶରଣ ଏବଂ ପଞ୍ଚ ମହାମନ୍ତ୍ର ଉଚ୍ଚାରଣ କରିବାକୁ କହିଲେ। ପ୍ରାୟ ତିନିଲକ୍ଷ ଲୋକ ବୌଦ୍ଧ ଧର୍ମ ଗ୍ରହଣ କଲେ। ତାପରଦିନ ମଧ୍ୟ ଅନେକ ଲୋକ ବୌଦ୍ଧ ଧର୍ମ ଗ୍ରହଣ କଲେ। ଯେଉଁ ଅସ୍ପୃଶ୍ୟ

ଲୋକମାନେ ବୌଦ୍ଧ ଧର୍ମ ଗ୍ରହଣ କଲେ, ସେମାନେ ସଂବିଧାନର ସମସ୍ତ ସୁବିଧା ପାଇବେବୋଲି ସେ ଘୋଷଣା କଲେ।

## ଶେଷ ଯାତ୍ରା

ଚତୁର୍ଥ ବିଶ୍ୱ ବୌଦ୍ଧ ମହାସଭା କାଠମାଣ୍ଡୁଠାରେ ଅନୁଷ୍ଠିତ ହେଲା। ବୌଦ୍ଧ ଧର୍ମ କେବଳ ଧର୍ମ ନୁହେଁ ଏହା ଏକ ସାମାଜିକ ବ୍ୟବସ୍ଥାବୋଲି ସେ ଘୋଷଣା କଲେ। ୧୯୫୬ ନଭେମ୍ବର ୩୦ ତାରିଖ ବେଳକୁ ସେ ଦିଲ୍ଲୀ ଫେରିଆସିଲେ। ସେ ସଂପୂର୍ଣ୍ଣ କ୍ଳାନ୍ତ, ଶ୍ରାନ୍ତ ଓ ଅବସନ୍ନ ଦେଖାଯାଉଥିଲେ। ଡିସେମ୍ବର ୧ ତାରିଖ ଦିନ ସକାଳ ୦୭-୧୫ ମିନିଟ୍‌ରେ ଉଠି ଚା କପେ ପିଇଲେ। ସଂଧ୍ୟାରେ ମଥୁରା ରୋଡ଼ରେ ହୋଇଥିବା ବୌଦ୍ଧ ଗ୍ୟାଲେରୀ ବୁଲି ଦେଖିଲେ। ୨ ତାରିଖ ଦିନ ସଂଧ୍ୟାରେ ତାଙ୍କ ଘର ପଛପଟେ ରହୁଥିବା ମାଳୀର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବାକୁ ତା ଘରକୁ ଯାଇଥିଲେ। ୪ ତାରିଖଦିନ ସଂଧ୍ୟାବେଳେ ଖାଇବାକୁ ଯିବାପୂର୍ବରୁ



ଗୁଣୁ ଗୁଣୁ ହୋଇ କବୀରଙ୍କର ଗୀତ ଗାଉଥିଲେ, "ଚାଲ୍ କବୀର ତେର ଭବସାଗର ଡେରା" ଆଲମିରା ଥାକରୁ କଢ଼ାହୋଇଥିବା ବହି ଟେବୁଲ ଉପରେ ଥୁଆ ହୋଇଥିଲା। ବହି ଥିଲା ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠତମ ବନ୍ଧୁ ଓ ସଖା। ସେ ବହି ଖୋଲିବାକୁ ବେଳ ପାଇନଥିଲେ। ବିଛଣା ଉପରେ ଶୋଇ ରହିଥିଲେ। ତାଙ୍କର

ବ୍ୟକ୍ତିଗତ ସହକାରୀ ରତ୍ତୁ ମୁଣ୍ଡ ଓ ଗୋଡ଼ ଚିପିଦେଉଥିଲା। ବୁଦ୍ଧ ଓ ତାଙ୍କର ଧର୍ମସଂପର୍କ ପୁସ୍ତକର ମୁଖବଂଧ ଓ ଅନ୍ୟାନ୍ୟ କେତେକ ଚିଠି ରଖିବାକୁ ରତ୍ତୁକୁ କହିଥିଲେ। ତାଙ୍କର ଚାକର ସୁଦାମା ଗୋଡ଼ପାଖରେ କମ୍ପି ଏବଂ କିଛି ମିଠେଇ ଘୋଡ଼େଇଦେଇ ଯାଇଥିଲା। ତାଙ୍କର ଡ଼ାକ୍ତର ପତ୍ନୀ ବା ଚାକର ତାଙ୍କ ମୃତ୍ୟୁ ଏତେ ନିକଟରେ ହେଲାଣିବୋଲି ଜାଣିପାରିନଥିଲେ। ୧୯୫୬ ଡ଼ିସେମ୍ବର ୬ ତାରିଖ। ପ୍ରତ୍ୟେକ ଦିନପରି ଶ୍ରୀମତୀ ସବିତା ଆମ୍ବେଦକର ବିଛଣାରୁ ଉଠି, ଟିକେ ବଗିଚାରେ ବୁଲି ତାଙ୍କ ସ୍ୱାମୀଙ୍କ କୋଠରୀକୁ ପ୍ରବେଶ କଲେ। ସେ ଦେଖିଲେ ତାଙ୍କ ସ୍ୱାମୀ ଆଉ ନାହାନ୍ତି। ବାବା ସାହେବ ଏ ପୃଥିବୀକୁ ଛାଡ଼ି ଚାଲିଯାଇଛନ୍ତି।

ଡ଼କ୍ଟର ଆମ୍ବେଦକରଙ୍କ ମୃତ୍ୟୁ ସମସ୍ତଙ୍କୁ ଚକିତ କରିଦେଲା। ନେହେରୁ, ପନ୍ଥ, ଜଗଜ୍ଜୀବନ ରାମ ତାଙ୍କ ବାସଭବନକୁ ଆସି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କର ମରଶରୀରକୁ ଧରି ପତ୍ନୀ ଶ୍ରୀମତୀ ଆମ୍ବେଦକର, ରତ୍ତୁ, ସୁଦାମା, ଶଂକରଲାଲ ଶାସ୍ତ୍ରୀ ବମ୍ବେ ଅଭିମୁଖେ ଯାତ୍ରାକଲେ। ସକାଳ ୭ଟା ବେଳେ ସାନ୍ତାକ୍ରୁଜ ବିମାନ ବଂଦରରେ ହଜାର ହଜାର ଲୋକ ଜମାହୋଇ ନୀରବ ଶୋଭା ଯାତ୍ରାରେ ତାଙ୍କର ବାସଗୃହ ଦାଦାର ଠାରେ ଥିବା ରାଜଗୃହ ନିକଟକୁ ନେଲେ। ଲକ୍ଷ ଲକ୍ଷ ଲୋକ ତାଙ୍କୁ କାନ୍ଦି କାନ୍ଦି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଲେ। ଦିନ ୧-୩୦ ମିନିଟ୍‌ରେ ଶେଷ ଯାତ୍ରା ଡ଼କ୍ଟର ବାବାସାହେବ ଆମ୍ବେଦକର ରାସ୍ତାରୁ ଆରମ୍ଭ ହେଲା। ଦାଦାର ଠାରେ ହିନ୍ଦୁ ମାନଙ୍କପାଇଁ ଥିବା ଶ୍ମଶାନଘାଟରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ପୁଅ ଯଶୋବନ୍ତ ମୁଖାଗ୍ନି ଦେଲେ। ଉପସ୍ଥିତ ପାଞ୍ଚଲକ୍ଷ ଶୋକାକୁଳ ଜନତାଙ୍କ ଚକ୍ଷୁରୁ ଲୁହ ଧାର ବହି ଚାଲିଥିଲା।

ଚିତାଗ୍ନି ନିକଟରେ ଠିଆହୋଇ ଭିକ୍ଷୁ ଆନନ୍ଦ କୌଶଲ୍ୟାୟନ କହିଲେ, "ଡ଼କ୍ଟର ଆମ୍ବେଦକର ଏକ ମହାନ୍ ନେତା ଥିଲେ। ସେ ଦେଶର ସେବା କରି ନିର୍ବାଣ ପ୍ରାପ୍ତ ହେଲେ।"

ସେହି ମହାନ୍ ବରପୁତ୍ରଙ୍କୁ ୧୯୯୦ ମସିହାରେ ମରଣୋତ୍ତର "ଭାରତ ରତ୍ନ" ଉପାଧିରେ ଭାରତ ସରକାର ଭୂଷିତ କରିଛନ୍ତି। ସେ ଚିରଦିନ ନୂତନ ଶିକ୍ଷା ଓ ଆଲୋକର ଉତ୍ସ ହୋଇ ପ୍ରେରଣା ଦେଉଥିବେ ଓ ସମାନତା ଓ ନ୍ୟାୟ ପାଇଁ ସଂଗ୍ରାମର ପଥ ପ୍ରଦର୍ଶନ କରୁଥିବେ।